بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା 7

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

17 ଫେବୃୟାରୀ 2022    17 ତବ୍ଲିଗ୍ 1401 ହି.ଶ    15 ରଜବ୍ 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَیَوۡمَ نَحۡشُرُہُمۡ جَمِیۡعًا ثُمَّ نَقُوۡلُ لِلَّذِیۡنَ اَشۡرَکُوۡۤا اَیۡنَ شُرَکَآؤُکُمُ الَّذِیۡنَ کُنۡتُمۡ تَزۡعُمُوۡنَ (الانعام:23)

ଅନୁବାଦ- ଏବଂ ଯେଉଁଦିନ ଆମ୍ଭେ ସେ ସମସ୍ତଙ୍କୁ ଏକତ୍ରିତ କରିବୁ, ତତ୍ପରେ ଯେଉଁମାନେ ଆମ୍ଭ ସହିତ ସମକକ୍ଷ ନିରୂପିତ କରିଛନ୍ତି ସେମାନଙ୍କୁ କହିବୁ, ''ତୁମମାନଙ୍କର (ନିରୂପିତ) ସେ ସମକକ୍ଷ ଯାହାଙ୍କ ସଂକ୍ରାନ୍ତରେ ତୁମେମାନେ ଦାବି କରୁଥିଲ (ଯେ ସେମାନେ ଅଲ୍ଲାଃଙ୍କ ସମକକ୍ଷ ଅଟନ୍ତି) କେଉଁଠାରେ ଅଛନ୍ତି ?''

*(ଅଲ୍ଅନାମ୍: ୨୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥**

# : ଖୁତ୍ବା ଜୁମା :

**ହଜରତ ଅବୁ ବକର୍ ର:ଅ ନିଜର ସତ୍ୟବାଦୀତା ଓ ନିଷ୍ଠାପରତାର ଏପରି ଦୃଷ୍ଟାନ୍ତ ଦେଖାଇଛନ୍ତି ଯାହା ଚିରକାଳ ପାଇଁ ନମୁନା ହୋଇ ରହିବ" (ହଜରତ ଅକ୍ଦସ୍ ମସିହ୍ ମଉଦ୍ ଆ:ସ)**

**ହଜରତ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ସିଦ୍ଦିକେ ଅକ୍ବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସିଦ୍ଧତା ଏବଂ ଉଚ୍ଚ ପ୍ରଶଂସା ।**

**ମଦିନା ଆଡ଼କୁ ଯାତ୍ରା ଆରମ୍ଭ କରିବା ବେଳେ ଆଁ ହଜରତ ସ:ଆ:ସ ମକ୍କା ଉପରେ ଶେଷଥର ପାଇଁ ଦୃଷ୍ଟିପକାଇ ବହୁତ ଦୁଃଖର ସହିତ ମକ୍କାକୁ ସମ୍ବୋଧନ କରି କହିଲେ: ହେ ମକ୍କାର ବସ୍ତି ! ତୁ ମତେ ସମସ୍ତ ସ୍ଥାନ ଅପେକ୍ଷା ଅଧିକ ପ୍ରୀୟ କିନ୍ତୁ ତୋ ଲୋକମାନେ ମତେ ଏଠାରେ ରହିବାକୁ ଦେଲେ ନାହିଁ । ଏ କଥା ଶୁଣି ହଜରତ ଅବୁ ବକର୍ ର:ଅ ମଧ୍ୟ ବହୁତ ମନସ୍ତାପ କରି କହିଲେ:- ଏହି ଲୋକମାନେ ନିଜ ନବୀଙ୍କୁ ଏଠାରୁ ବାହାର କରିଦେଲେ ଏବେ ଏମାନେ ନିଶ୍ଚିତ ରୂପେ ଧ୍ୱଂସ ହୋଇଯିବେ ।**

**ମୋକରମ୍ ମଲକ୍ ଫାରୁକ୍ ଅହ୍ମଦ୍ ଖୋଖର୍ ସାହେବ୍ ପୂର୍ବତନ ଜିଲ୍ଲା ଅମୀର୍ ମୁଲ୍ତାନ୍, ମୋକରମ୍ ରହ୍ମତୁଲ୍ଲାଃ ସାହେବ୍ ଅଫ୍ ଇଣ୍ଡୋନେସିଆ ଏବଂ ମୋକରମ୍ ଅଲ୍ହାଜ୍ ଅବ୍ଦୁଲ୍ ହମିଦ୍ ଟାକ ସାହେବ ଅଫ୍ ୟାରିପୁରା କାଶ୍ମୀର ନିବାସୀଙ୍କର ଉତମଗୁଣାବଳୀର ଚର୍ଚ୍ଚା ଏବଂ ନମାଜ୍ ଯନାଜାଃ ଗାଏବ୍ ପାଠ ।**

**ଖୁତ୍ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୩୧ ଡ଼ିସେମ୍ବର ୨୦୨୧ ଅନୁଯାୟୀ ୩୧ ଫତହ୍ ୧୪୦୦ ହିଜ୍ରି ଶମ୍ସି)**


**ଖୁତ୍ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**


اَشۡهَدُ اَنۡ لَّاۤ اِلٰهَ اِلَّا اللّٰهُ وَحۡدَهٗ لَا شَرِيۡكَ لَهٗ وَاَشۡهَدُ اَنَّ مُحَمَّدًا عَبۡدُهٗ وَرَسُوۡلُهٗ

اَمَّا بَعۡدُ فَاَعُوۡذُ بِاللّٰهِ مِنَ الشَّيۡطٰنِ الرَّجِيۡمِ- بِسۡمِ اللّٰهِ الرَّحۡمٰنِ الرَّحِيۡمِ-

اَلۡحَمۡدُ لِلّٰهِ رَبِّ الۡعٰلَمِيۡنَ- الرَّحۡمٰنِ الرَّحِيۡمِ- مٰلِكِ يَوۡمِ الدِّيۡنِ- اِيَّاكَ نَعۡبُدُ وَاِيَّاكَ نَسۡتَعِيۡنُ-

اِهۡدِنَا الصِّرَاطَ الۡمُسۡتَقِيۡمَ- صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ غَيۡرِ الۡمَغۡضُوۡبِ عَلَيۡهِمۡ وَلَا الضَّآلِّيۡنَ-

ହଜୁର ଅନଓ୍ୱର ଅ:ବ:ଅ କହିଲେ; ଗତ ଖୁତବାରେ ମୁଁ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କର ଗାରେ ସୋର'ର ଘଟଣା ଚର୍ଚ୍ଚା କରୁଥିଲି । ଉକ୍ତ ଘଟଣା ସମ୍ପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନରେ ଯାହା ବର୍ଣ୍ଣନା କରିଛନ୍ତି ତାହାର ଅନୁବାଦ ହେଉଛି ଏପରି:- ଯଦି ତୁମେ ଏହି ରସୁଲଙ୍କର ସାହାଯ୍ୟ ନକର (ତେବେ ମନେରଖ ଯେ) ଅଲ୍ଲାଃ ତାହାଙ୍କୁ ସେହି ସମୟରେ ମଧ୍ୟ ସାହାଯ୍ୟ କରିଛନ୍ତି । ଯେତେବେଳେ କି ଅମାନ୍ୟକାରୀମାନେ ସେ ଦୁହିଁଙ୍କ ମଧ୍ୟରୁ ଜଣକୁ ବିତାଡ଼ିତ କରିଥିଲେ ଯେତେବେଳେ ସେ ଦୁହେଁ ଗୁମ୍ଫାରେ ଶରଣ ନେଇଥିଲେ ସେତେବେଳେ ସେ ନିଜ ସାଥିଙ୍କୁ କହୁଥିଲେ, ଯେ ତୁମେ ବ୍ୟସ୍ତ ହୁଅ ନାହିଁ, ସୁନିଶ୍ଚିତ ରୂପେ ଅଲ୍ଲାଃତାଲା ଆମ ସାଥିରେ ଅଛନ୍ତି । ସୁତରାଂ ଅଲ୍ଲାଃତାଲା ସେମାନଙ୍କୁ ଆଶ୍ୱାସନା ଦେଲେ ଏବଂ ଏଭଳି ସେନା ବାହିନୀ ଦ୍ୱାରା ତାଙ୍କର ସାହାଯ୍ୟ କଲେ ଯାହାଙ୍କୁ ତୁମେ ପୂର୍ବରୁ କଦାପି ଦେଖି ପାରୁନଥିଲ । ଯେ ଅମାନ୍ୟକାରୀ ଥିଲେ ସର୍ବଶକ୍ତିମାନ ପ୍ରଭୁ ସେମାନଙ୍କ କଥାକୁ ନିରର୍ଥକ କରିଦେଲେ । କାରଣ ସର୍ବଶକ୍ତିମାନ ଅଲ୍ଲାଃତାଲାଙ୍କର କଥନ ହିଁ ସର୍ବଦା ବାସ୍ତବରେ ପରିଣତ ହୋଇଥାଏ ଏବଂ ସେ ହିଁ ପରାକ୍ରମୀ ଓ ତତ୍ୱଜ୍ଞ । ***(ସୁରଃ ତୌବାଃ: ୪୦)***

ପବିତ୍ର କୁର୍ଆନ୍ରେ ଗାରେ ସୋର୍ ପ୍ରସଙ୍ଗରେ ଏହା ଲେଖାଯାଇଅଛି ଯେ ଯେତେବେଳେ ମକ୍କାର ଅମାନ୍ୟକାରୀମାନେ ଗୁମ୍ଫା ମୁହାଣରେ ଛିଡ଼ା ହୋଇ କଥା ହେଉଥିଲେ ସେତେବେଳେ ହଜରତ ଅବୁବକର ର:ଅ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧରା ପଡ଼ିଯିବା ଭୟରେ ବ୍ୟତିବ୍ୟସ୍ତ ହୋଇଗଲେ । ଏଥିରେ ହଜୁର ସ:ଆ:ସ କହିଲେ; ଲା ତହ୍ଯନ୍ ଇନ୍ନଲ୍ଲାହା ମାଆନା ଅର୍ଥାତ ହେ ଅବୁବକର ! ଦୁଃଖ କର ନାହିଁ ସୁନିଶ୍ଚିତ ରୂପେ ଅଲ୍ଲାଃତାଲା ଆମ ସାଥିରେ ଅଛନ୍ତି । ***(ଶରହ୍ ଜର୍କାନୀ ଅଲଲ୍ ମୁଓ୍ୱାହିଦ୍ ଲୁଦ୍ଧୁନି ଭାଗ-୨, ପୃ-୧୨୨-୧୨୩, ବେରୁତ ୧୯୯୬)***

ଆଁ ହଜରତ ସ:ଆ:ସଙ୍କୁ ପିଛା କରି ସେମାନେ ଗାରେ ସୋର'ର ପର୍ବତ ନିକଟରେ ପହଂଚିବା ପରେ ସନ୍ଧାନକାରୀ କହିଲା; ମୁଁ ଜାଣିପାରୁନାହିଁ ଯେ ଏହିଠାରୁ

ସେହି ଦୁଇଜଣ (ଅର୍ଥାତ ହଜରତ ମୁହମ୍ମଦ ସ:ଆ:ସ ଓ ହଜରତ ଅବୁ ବକର ର:ଅ- ଅନୁବାଦକ) କେଉଁଠି ନିଜର ପାଦ ରଖିଛନ୍ତି ? ପୁଣି ଯେତେବେଳେ ସେମାନେ ଗୁମ୍ଫାର ଅତି ନିକଟରେ ହୋଇଗଲେ ସେହି ସନ୍ଧାନକାରୀ ଜଣକ କହିଲେ:- ଅଲ୍ଲାଃଙ୍କ ରାଣ ! ଯାହାଙ୍କୁ ଖୋଜିବା ପାଇଁ ତୁମେମାନେ ଆସିଛ ଏହିସ୍ଥଳୁ ସେମାନେ ଆଉ ଆଗକୁ ଅଗ୍ରସର ହୋଇ ନାହାନ୍ତି ***(ତାରିଖୁଲ୍ ଖମିସ୍, ଖଣ୍ଡ-୨, ପୃ-୧୫...... ଦାରୁଲ୍ କୁତୁବୁଲ୍ ଅଲମିୟା ୨୦୦୯)***

ଗୁମ୍ଫାର ମୁହଁଠାରେ ସେହି ସନ୍ଧାନକାରୀ ଯେତେବେଳେ ଏହି ସମସ୍ତ କଥା କହିସାରିଲା ସେତେବେଳେ କେହି ଜଣେ ଗୁମ୍ଫା ଭିତରକୁ ଉଣ୍ଡିବାକୁ ଚେଷ୍ଟା କରିବାରୁ ଉମୟା ବିନ୍ ଖଲଫ୍ ଉତ୍ୟକ୍ତ ଓ ଅଣଆୟତ ହୋଇ କହି ଉଠିଲା, ମୁଁ ଏହି ବୁଢିଆଣୀ ଜାଲ ଓ ବୃକ୍ଷ ତ' ମୁହମ୍ମଦ (ମୁସ୍ତଫାର) ଜନ୍ମ ହେବା ପୂର୍ବରୁ ଦେଖିଆସୁଛି । କ'ଣ ତୁମେମାନେ ନିଜର ବୁଦ୍ଧିବିଚାର ହରାଇ ଦେଇଛ ? ସେ ଏଠାରେ କଦାପି ନଥିବେ । ଏଠାରୁ ଚାଲ ଆଉ କେଉଁଠି ତାଙ୍କୁ ଖୋଜିବା । ତା'ପରେ ସେଠାରୁ ସବୁ ଲୋକମାନେ ଲେଉଟି ଗଲେ ।

***(ଅଲ୍‌ମୁ ୱାହିବୁଦ୍ ଦୁନ୍‌ୟା ଲି ଅଲ୍ଲାମାଃ କୁସ୍‌ତଲାନୀ, ଖଣ୍ଡ-୧, ପୃ-୨୯୨-୨୯୩..... ବେରୁତ ୨୦୦୪)***

ହଜରତ ମିର୍ଜା ବଶିର ଅହେମଦ ସାହେବ ର:ଅ ପୁସ୍ତକ ସିରତୁନ୍ ନବୀ ସ:ଆ:ସରେ ମକ୍କାର କୁରୈଶ୍‌ଙ୍କ ତରଫରୁ ନବୀ କରିମ୍ ସ:ଆ:ସଙ୍କୁ ପିଛା କରିବା ଓ ପୁରସ୍କାର ଘୋଷଣା କରିବା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ:-; ମକ୍କାର ଅମାନ୍ୟକାରୀମାନେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଜୀବିତ ଅବା ମୃତ ଧରି ଆଣିବା ବ୍ୟକ୍ତିଙ୍କୁ ୧୦୦ଗୋଟି ଓଟ ପୁରସ୍କାର ଦେବାର ଘୋଷଣା କରିଦେଇଥିଲେ । ଉକ୍ତ ପୁରସ୍କାର ଲାଭ କରିବା ଲାଳସାରେ ଅନେକ ଲୋକ ମକ୍କାର ଚତୁର୍ପାର୍ଶ୍ୱରେ ବାହାରି ଗଲେ ଖୁଦ୍ ମକ୍କାର ସର୍‌ଦାର୍‌ମାନେ ମଧ୍ୟ ସନ୍ଧାନକାରୀଙ୍କୁ ନେଇ ଆଁ ହଜରତ ସ:ଆ:ସଙ୍କୁ ଅନୁସରଣ/ ଖୋଜିବାକୁ ବାହାରି ପଡ଼ିଲେ ଓ ଯେତେବେଳେ ସେମାନେ ଅର୍ଥାତ ଯେତେବେଳେ ମକ୍କାର ବିଶିଷ୍ଟ ବ୍ୟକ୍ତିମାନେ ଗୁମ୍ଫା ନିକଟରେ ପହଂଚିଲେ ସେମାନଙ୍କର ସାଥିରେ ଥିବା ସନ୍ଧାନକାରୀ (ଖୋଜି) ଜଣକ କହିଲା ଯେ ବାସ୍ ଏ ପର୍ଯ୍ୟନ୍ତ ସେମାନେ ଆସିଛନ୍ତି, ଆ ଠାରୁ ଆଗକୁ ଯାଇନାହାନ୍ତି । ତେଣୁ ମୁହମ୍ମଦ (ସ:ଆ:ସ) ଏଠି ଆଖପାଖରେ କେଉଁଠି ଲୁଚି ଥିବେ ଅନ୍ୟଥା ଏଠୁ ଆକାଶକୁ ଉଡ଼ିଯାଇଥିବେ । ଏହା ଶୁଣି କେହି ଜଣେ କହିଲେ ଯେ କୌଣସି ଜଣେ ଲୋକ ଯାଇ ଗୁମ୍ଫା ଭିତରକୁ ଦେଖି ଆସୁ କିନ୍ତୁ ଆଉ ଜଣେ କହିଲା ଯେ ବାଃ ! ବାଃ ଇଏ କଣ ବୁଦ୍ଧିମାନ କଥା ! କଣ ! ଏପରି ପରିସ୍ଥିତିରେ ଜଣେ ଯାଇ ଏହି ଗୁମ୍ଫା ଭିତରେ ଲୁଚି ପାରିବ ? ଏହା ତ ଏକ ଅନ୍ଧକାରଛନ୍ନ ଓ ବିପଦପୂର୍ଣ୍ଣ ସ୍ଥାନ ଅଟେ ଓ ଆମେ ସର୍ବଦା ଏହି ସ୍ଥାନକୁ ଏମିତି ଅବସ୍ଥାରେ ଦେଖିଆସୁଅଛେ । ଏହା ବି ରିୱାୟତ୍ ଆସିଛି ଯେ ଗୁମ୍ଫାର ମୁହଁ ନିକଟରେ ଯେଉଁ ବୃକ୍ଷଟି ଥିଲା, ମହାଭାଗ ସ:ଆ:ସ ଗୁମ୍ଫା ଭିତରକୁ ପ୍ରବେଶ କରିବା ପରେ, ସେହି ବୃକ୍ଷରେ ବୁଢ଼ିଆଣୀ ଜାଲ ପୁଣି ଦେଇଥିଲା ଓ ଠିକ୍ ଗୁମ୍ଫାର ମୁହଁ ସମାନରେ ଗୋଟିଏ କାବୁତି ବସା ତିଆରି କରି ଅଣ୍ଡା ଦେଇ ଦେଇଥିଲା ।" ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅଙ୍କ ଧାରଣାରେ "ଏହି ରିୱାୟତ୍ ତ ଦୃବଳ ଶ୍ରେଣୀର କିନ୍ତୁ ଯଦି ଏପରି ହୋଇଥାଏ ତେବେ ଏଥବରେ କୌଣସି ଆଶ୍ଚର୍ଯ୍ୟ ହେବାର ନାହିଁ । ଅର୍ଥାତ ଯଦିଚ ଏହି ବର୍ଣ୍ଣନା ଦୁର୍ବଳ ମନେ ହେଉଛି କିନ୍ତୁ ଯଦି ଏହିପରି ଘଟି ବି ଥାଏ ତେବେ ତାହା କୌଣସି ଆଶ୍ଚର୍ଯ୍ୟକର ବିଷୟ ନୁହେଁ । କାରଣ ଅନେକ ସମୟରେ ବୁଢିଆଣୀ କିଛି କ୍ଷଣରେ ହିଁ ଏକ ବିରାଟକାୟ ଜାଲ ବୁଣି ଦେଇଥାଏ ଏବଂ ଗୋଟିଏ କାବୁତିକୁ ନିଜର ବସା ବାନ୍ଧି ଅଣ୍ଡା ଦେବାକୁ ମଧ୍ୟ ଅଧିକ ସମୟ ଲାଗି ନଥାଏ । ଅତଏବ ଯଦି ପରମେଶ୍ୱର ନିଜ ପ୍ରିୟ ଅବତାରଙ୍କ ସୁରକ୍ଷା ପାଇଁ ଏପରି ବ୍ୟବସ୍ଥା କରିଥିବେ ତେବେ ଏହା କୌଣସି ଅସମ୍ଭବ ବିଷୟ ନୁହେଁ ବରଂ ଏହା ସେତେବେଳର ପରିସ୍ଥିତି ମୁତାବକ ଠିକ୍ ଅନୁମେୟ ହେଉଅଛି । ସେ ଯାହା ବି ହେଉ କୁରୈଶ୍‌ମାନଙ୍କ ମଧ୍ୟରୁ କେହି ବି ଆଗକୁ ବଢ଼ିଲେ ନାହିଁ ଓ ସେଠାରୁ ସବୁ ଫେରିଗଲେ" ।

ପୁଣି ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଉଲ୍ଲେଖ କରିଛନ୍ତି ଯେ କୁରୈଶ ଉକ୍ତ ସ୍ଥାନର ଏଭଳି ନିକଟତର ହୋଇଯାଇଥିଲେ ଯେ ସେମାନଙ୍କ ପାଦ ଗୁମ୍ଫା ଭିତରୁ ସ୍ୱଷ୍ଟ ଦୃଶ୍ୟମାନ ହେଉଥିଲା ଓ ସେମାନଙ୍କ କଥା ଅତି ସହଜରେ ଶୁଣା ଯାଉଥିଲା ।

ଏହି ଘଟଣା ସମୟରେ ହଜରତ ଅବୁ ବକର ର:ଅ ବ୍ୟସ୍ତ ବିବ୍ରତ ହୋଇ ଧିରେ କିନା ଆଁ ହଜରତ ସ:ଆ:ସଙ୍କୁ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ । କୁରୈଶ୍ ଏତେ ନିକଟରେ ଅଛନ୍ତି ଯେ ସେମାନଙ୍କର ପାଦଗୁଡ଼ିକ ଦେଖାଯାଉଅଛି । ଯଦି ସେମାନେ ଆଉ ଟିକିଏ ଆଗକୁ ମାଡ଼ି ଝାଙ୍କି ଦେଖିବେ, ତା'ହେଲେ ଆମକୁ ସେମାନେ ଦେଖି ପାରିବେ । ଏହା ଶୁଣି ଆଁ ହଜରତ ସ:ଆ:ସ କହିଲେ: **ଲା ତହ୍‌ଜନ୍ ଇନ୍ନଲ୍ଲାହା ମାଆନା** ଅର୍ଥାତ:- କୌଣସି ପ୍ରକାର ଚିନ୍ତା ଓ ଦୁଃଖ କରନାହିଁ । ଅଲ୍ଲାଃ ଆମ ସହିତ ଅଛନ୍ତି । ପୁଣି ଆଁ ହଜରତ ସ:ଆ:ସ କହିଲେ **ୱ ମା ଜନ୍ନୁକା ୟା ଅବା ବକର୍ ବିଇସ୍‌ନୈନେ ଅଲ୍ଲାହୁ ସାଲିସୁ ହୁମା** ଅର୍ଥାତ:- ହେ ଅବୁବକର ! ତୁମେ ସେହି ଦୁଇ ବ୍ୟକ୍ତିଙ୍କ ପ୍ରସଙ୍ଗରେ କ'ଣ ଚିନ୍ତା କରୁଛ ? ଯାହାଙ୍କ ସାଥିରେ ତୃତୟ ତାଙ୍କ ସୃଷ୍ଟିକର୍ତା ରହିଛନ୍ତି ଆଉ ଏକ ରିୱାୟତ୍‌ରେ ଆସିଛି ଯେ ଯେତେବେଳେ କୁରୈଶ୍‌ମାନେ ଗୁମ୍ଫାର ମୁହଁ ପାଖରେ ପହଂଚିଗଲେ ସେତେବେଳେ ହଜରତ ଅବୁ ବକର ର:ଅ ବହୁତ ଘାବରେଇଗଲେ ଅର୍ଥାତ ବ୍ୟତିବ୍ୟସ୍ତ ହୋଇଗଲେ । ଆଁ ହଜରତ ସ:ଆ:ସ ତାଙ୍କର ଏପରି ବ୍ୟତିବ୍ୟସ୍ତତାକୁ ଦେଖି ସାନ୍ତ୍ୱନା ଦେଲେ ଯେ ଚିନ୍ତା କରିବାର କୌଣସି ଆବଶ୍ୟକ ନାହିଁ । ଏଥିରେ ହଜରତ ଅବୁବକର ର:ଅ କୋହ ଭରା କଣ୍ଠରେ କହିଲେ **ଇନ୍ନ କୁତିଲ୍‌ତୁ ଫଅନା ରଜୁଲୁନ୍ ୱାହିଦୁନ୍ ୱ ଇନ୍ କୁତିଲ୍‌ତା ଅନ୍‌ତା ହଲକତିଲ୍ ଉମ୍ମତୁ** ଅର୍ଥାତ:- ହେ ଅଲ୍ଲାଃଙ୍କ ରସୁଲ ସ:ଆ:ସ ! ଯଦି ମୁଁ ନିହତ ହୁଏ (ତେବେ ଏହା କୌଣସି ବଡ଼ କଥା ନୁହେଁ) କାରଣ ମୁଁ ତ ଗୋଟିଏ ଜୀବନ । କିନ୍ତୁ (ପ୍ରଭୁ ନକରନ୍ତୁ) ଯଦି ଆପଣଙ୍କର କିଛି ଅନିଷ୍ଟ ହୁଏ ତେବେ ସମ୍ପୂର୍ଣ୍ଣ (ଇସଲାମ) ସମ୍ପ୍ରଦାୟ ଭୁଶୁଡ଼ି ପଡ଼ିବ । ଏଥିରେ ଆଁ ହଜରତ ସ:ଆ:ସ ଅଲ୍ଲାଃଙ୍କ ନିକଟରୁ ଐଶିବାଣୀ ପାଇ କହିଲେ **ଲା ତହ୍‌ଜନ୍ ଇନ୍ନଲ୍ଲାହା ମାଅନା (ସୁରଃ ତୌବାଃ:୪୦)** ଅର୍ଥାତ ହେ ଅବୁ ବକର୍ ! କଦାପି କୌଣସି ଚିନ୍ତା କର ନାହିଁ କାରଣ ଅଲ୍ଲାଃ ତାଲା ଆମ ସହିତ ଅଛନ୍ତି ଓ ଆମେ ଦୁଇଜଣ ଯାକ ତାହାଙ୍କ (ଅର୍ଥାତ ଈଶ୍ୱରଙ୍କ) ସୁରକ୍ଷା ମଧ୍ୟରେ ଅଛେ । ଅର୍ଥାତ ତୁମେ ତ ମୋ ବିଷୟରେ ଚିନ୍ତିତ ଓ ତୁମର ନିଷ୍ଠାପୂର୍ଣ୍ଣ ଆବେଗ ଏତେମାତ୍ରାରେ ବଢ଼ିଯାଇଛି ଯେ ତୁମ ଜୀବନ ପାଇଁ ତୁମକୁ କୌଣସି ଚିନ୍ତା ନାହିଁ କିନ୍ତୁ ଖୁଦାତାଲା ବର୍ତମାନ ନା କେବଳ ମୋ ସୁରକ୍ଷା କରୁଛନ୍ତି ବରଂ ତୁମର ମଧ୍ୟ ସୁରକ୍ଷା କରୁଛନ୍ତି ଓ ଆମ ଦୁଇଜଣଯାକୁ ଶତୃମାନଙ୍କ କବଳରୁ ସୁରକ୍ଷା ଦେବେ ।" ***(ସିରତ୍ ଖାତ୍‌ମୁନ୍ ନବୀୟିନ୍, ପୃ-୨୩୭-୨୩୯)***

ହଜରତ ମୁସ୍‌ଲେହ ମଉଦ୍ ର:ଅ ଏହି ଘଟଣାର ବିବରଣୀ ବର୍ଣ୍ଣନା କରି ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ "ଯେବେ ରସୁଲେ କରିମ୍ ସ:ଆ:ସଙ୍କୁ ଅଲ୍ଲାଃ ତାଲା ହିଜ୍‌ରତ୍ କରିବାପାଇଁ ଆଦେଶ ଦେଲେ ସେତେବେଳେ ଆଁ ହଜରତ ସ:ଆ:ସ ହଜରତ ଅବୁ ବକର ର:ଅଙ୍କୁ ନିଜ ସାଥିରେ ଧରି ସୋର୍ ପାହାଡ଼ ଆଡ଼କୁ ଚାଲିଗଲେ । ତାହା ମକ୍କାଠାରୁ ମୋଟ ଛଅ ସାତ କିଲୋମିଟର ଦୂରତାରେ ଅବସ୍ଥିତ ଥିଲା । ସେହି ପାହାଡ଼ର ଉପରିସ୍ଥ ଏକ ଗୁମ୍ଫାରେ ଯାଇ ଲୁଚିଗଲେ । ସକାଳେ ଯେତେବେଳେ ମକ୍କାର କୁଫ୍‌ଫାର୍‌ମାନେ (ଅମାନ୍ୟକାରୀମାନେ) ଦେଖିଲେ ଯେ ଆପଣ ସ:ଆ:ସ ନିଜ ଘରେ ଉପସ୍ଥିତ ନାହାନ୍ତି ଓ ସବୁ ପ୍ରକାରର ପହରା ଥିବା ସତ୍ୱେ ମଧ୍ୟ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

ସଫଳତାର ସହିତ ମକ୍କାରୁ ଚାଲିଯାଇଛନ୍ତି । ସୁତରାଂ ସେମାନେ ତତ୍‌କ୍ଷଣାତ୍ ଆପଣ ସ:ଆ:ସଙ୍କ ଅନ୍ୱେଷଣରେ ବାହାରି ପଡ଼ିଲେ ଏବଂ ସେମାନେ ମକ୍କାର ପ୍ରବୀଣ ଖୋଜି ଅର୍ଥାତ ଯେଉଁମାନେ ପାଦଚିହ୍ନକୁ ଅନୁସରଣ କରି ପୂର୍ବରୁ ଯାଇଥିବା ଲୋକ ବିଷୟରେ ଜାଣିନେଇଥାନ୍ତି । ଏପରି ଲୋକମାନଙ୍କୁ କୁଫ୍‌ଫାରେ ମକ୍କା ସାଥିରେ ଧରି ବାହାରିଲେ, ସେହି ଖୋଜିମାନେ ସୋର୍ ପାହାଡ଼ ପର୍ଯ୍ୟନ୍ତ ସେମାନଙ୍କୁ (ଅର୍ଥାତ କୁରେଶ୍‌ର କୁଫାରମାନଙ୍କୁ) ନେଇ ପହଂଚାଇ ଦେଲେ ଓ କହିଲେ ଯେ ବାସ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଯଦି ଥାଆନ୍ତି ତା'ହେଲେ ଏହିଠାରେ ହିଁ ଅଛନ୍ତି । ଆ ଆଗକୁ ଆଉ କୌଣସି ଚିହ୍ନ ନାହିଁ । ସେ ସମୟରେ ଶତ୍ରୁମାନେ ଠିକ୍ ଗୁମ୍ଫାରେ ମୁହଁ ପାଖରେ ହିଁ ଛିଡ଼ା ହୋଇଥିଲେ ଓ ଗୁମ୍ଫାର ମୁହଁ ବି ସଂକୀର୍ଣ୍ଣ ନଥିଲା ଯେ ତା ଭିତରକୁ ଉଣ୍ଡିବା ବହୁତ କଷ୍ଟକର ହୋଇଥାନ୍ତା । ବରଂ ତାହା ଗୋଟିଏ ଚଉଡ଼ା ମୁହଁ ଥିବା ଗୁମ୍ଫା ଥିଲା ଯାହା ଭିତରକୁ ଆରାମ୍‌ରେ ବହୁତ ସହଜରେ ଦେଖି ଜାଣି ହୋଇପାରିଥାନ୍ତା ଯେ କେହି ଜଣେ ଭିତରେ ବସିଛି କି ନାହିଁ । କିନ୍ତୁ ଏପରି ଅବସ୍ଥାରେ ମଧ୍ୟ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ କୌଣସି ଭୟର ଚିହ୍ନ ବର୍ଣ୍ଣ ହିଁ ନଥିଲା ବରଂ ମହାଭାଗ ସ:ଆ:ସଙ୍କ ପବିତ୍ର ଶକ୍ତିର ସୌଭାଗ୍ୟରୁ ଆଁ ହଜରତ ସ:ଆ:ସଙ୍କ ମନ ବି ସୁଦୃଢ଼ ହୋଇଗଲା ଓ ସେ ମୁସା ଆ:ସଙ୍କ ସାଥିମାନଙ୍କ ଭଳି ଏହା କହିଲେ ନାହିଁ ଯେ ଆମେ ଧରାପଡ଼ିଗଲୁ ବରଂ ଯଦି ସେ କିଛି କହିଥିଲେ ତା' ଥିଲା ଏହାକି ହେ ଅଲ୍ଲାଃଙ୍କ ରସୁଲ୍ ! ଶତ୍ରୁ ଏତେ ନିକଟରେ ପହଂଚିଯାଇଛି ଯେ ଯଦି ସେମାନେ ଟିକିଏ ବି ତଳକୁ ଚାହିଁ ଦେଖିବେ ତା'ହେଲେ ଆମକୁ ଦେଖି ପାରିବେ କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ଏହା ଶୁଣି କହିଲେ **ଉସ୍‌କୁତ୍ ୟା ଅବା ବକ୍‌ରିନ୍ ଇସ୍‌ନାନିଲ୍ଲାହୁ ସାଲିସୁହୁମା** ଅର୍ଥାତ:- ହେ ଅବୁ ବକର୍ ! ନୀରବ ରୁହ ଆମେ ଏବେ ଦୁଇଜଣ ନୁହେଁ ବରଂ ଆମ ସହିତ ତୃତୀୟ ଜଣେ ଅଛନ୍ତି ସେ ହେଉଛନ୍ତି ଆମ ଈଶ୍ୱରଃ ତେଣୁ ସେମାନେ (ଅର୍ଥାତ ଶତ୍ରୁମାନେ) ଆମକୁ କିପରି ଦେଖିପାରିବେ ? ଅତଏବ୍ ଏପରି ହିଁ ଘଟିଲା । ଶତ୍ରୁମାନେ ଗୁମ୍ଫା ମୁହଁରେ ପହଂଚିଯାଇଥିବା ସତ୍ତ୍ୱେ ମଧ୍ୟ, ସେମାନଙ୍କୁ ଏ ଅବସର ହିଁ ମିଳିଲା ନାହିଁ ଯେ ସେମାନେ ଟିକିଏ ଆଗକୁ ବଢ଼ି ଗୁମ୍ଫା ଭିତରକୁ ଚାହିଁଥାନ୍ତେ । ବରଂ ସେଠାରେ ଏଣୁ ତେଣୁ କଥା କହି ସେଠାରୁ ଚାଲିଗଲେ । ଅତଏବ୍

ଉକ୍ତ ଘଟଣାର ଗୋଟିଏ ଦିଗ ଏପରି ପ୍ରତିପାଦିତ ହେଉଛି ଯେ ମୁସା ଆ:ସଙ୍କ ଅନୁଗାମୀମାନେ ମୁସା ଆ:ସଙ୍କୁ ଉତର ଦେଇଥିଲେ, ହେ ମୁସା ! ଆମେ ଧରା ପଡ଼ିଗଲୁ ଅର୍ଥାତ ସେମାନେ ନିଜ ସହିତ ମୁସା ଆ:ସଙ୍କୁ ମଧ୍ୟ ମିଶାଇ ଦେଲେ ଓ ଭାବିନେଲେ ଯେ ଏବେ ଆମେ ସମସ୍ତେ ଫିରଔନ୍ ହାତରେ ଧରା ପଡ଼ିଯିବା । କିନ୍ତୁ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦୃଢ଼ ଆସ୍ଥା ଓ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆପଣ ସ:ଆ:ସଙ୍କ ଅନୁଚରମାନଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ସେମାନଙ୍କ ମୁଖରୁ ଏଭଳି ଉକ୍ତି ନିସୃତ ହୋଇ ନଥିଲା ଯେ ଆମେ ଧରା ପଡ଼ିଗଲୁ ବୋଲି ବରଂ ସେମାନେ ମାତ୍ର ଏହା କହିଥିଲେ ଯେ **ଶତ୍ରୁ ଆମର ଏପରି ନିକଟତର ହୋଇଯାଇଛନ୍ତି ଯେ ଯଦି ସେ ଆମକୁ ଦେଖିବାକୁ ପ୍ରୟାସ କରିବେ ତେବେ ଅତି ସହଜରେ ଦେଖିନେବେ ।** କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ସେହି ଭ୍ରାନ୍ତିକୁ ବି ବରଦାସ୍ତ କଲେ ନାହିଁ ଏବଂ କହିଲେ ଯେ ଏପରି ଖିଆଲ ବି କରନାହିଁ ଆମେ ଏବେ ଦୁଇ ନୁହନ୍ତି ବରଂ ଆମ ସାଥିରେ ଆଉ ଏକ ଅସ୍ତିତ୍ୱ ମଧ୍ୟ ଅଛି ଓ ସେ ହେଉଛନ୍ତି ଆମ ଈଶ୍ୱର ।" ***(ତଫ୍‌ସୀର୍ କବୀର୍, ଖଣ୍ଡ-୭, ପୃ-୧୪୬,୧୪୭)***

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଆଉ ଏକ ସ୍ଥାନରେ କହିଛନ୍ତି:- "ଯେତେବେଳେ ମକ୍କାର ଅଧିବାସୀମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଭିଷଣ ଅତ୍ୟାଚାର କରିବା ଆରମ୍ଭ କରିଦେଲେ ଏବଂ ସେଥିଯୋଗୁଁ ଧର୍ମର ପ୍ରଚାର ପ୍ରସାର କରିବା କଷ୍ଟ ହୋଇଗଲା, ସେତେବେଳେ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ଆଦେଶ ଦେଲେ ଯେ ମକ୍କା ଛାଡ଼ି ଚାଲିଯାଅ । ସୁତରାଂ ତାଙ୍କ ସହିତ ହଜରତ ଅବୁ ବକର ର:ଅ ମଧ୍ୟ ମକ୍କା ଛାଡ଼ି ଚାଲିଯିବା ପାଇଁ ପ୍ରସ୍ତୁତ ହୋଇଗଲେ । ଆ ପୂର୍ବରୁ ଆନେକ ଥର ତାଙ୍କୁ ଯିବା ପାଇଁ କୁହାଯାଇଥିଲା କିନ୍ତୁ ହଜରତ ଅବୁ ବକର ର:ଅ ରସୁଲେ କରିମ୍ ସ:ଆ:ସଙ୍କୁ ଛାଡ଼ି ଯିବା ପାଇଁ ପ୍ରସ୍ତୁତ ନଥିଲେ । ଯେତେବେଳେ ରସୁଲେ କରିମ୍ ସ:ଆ:ସ ଯିବା ପାଇଁ ପ୍ରସ୍ତୁତ ହେଲେ, ହଜରତ ଅବୁ ବକର ର:ଅ ବି ମହାଭାଗ ସ:ଆ:ସଙ୍କ ସାଥିରେ ବାହାରି ପଡ଼ିଲେ । ଯେବେ ସେ ରାତିବେଳା ବାହାରିଲେ" ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କହିଛନ୍ତି ଯେ ଏହା "ଗୋଟିଏ ଜାଗା ଯାହା ମୁଁ ଦେଖିଛି" ହଜ୍ କରିବା ସମୟରେ "ପାହାଡ଼ରେ ଗୋଟିଏ ସାଧାରଣ ଗୁମ୍ଫା ଅଛି ଯାହାର ମୁହଁ ଦୁଇ ତିନି ଗଜ ଚଉଡ଼ା ଥିଲା । ସେମାନେ ସେହି ଗୁମ୍ଫା ଭିତରେ ଯାଇ ପଶିଗଲେ । ଯେତେବେଳେ ମକ୍କାର ଲୋକମାନଙ୍କୁ ଏକଥା ଜଣା ପଡ଼ିଗଲା ଯେ ଆପଣ ସ:ଆ:ସ ଚାଲିଯାଇଛନ୍ତି, ଏଥିରେ ସେମାନେ ଆପଣ ସ:ଆ:ସଙ୍କ ପଛରେ ଅନୁଧାବନ କଲେ । ଆରବ ଦେଶରେ ବଡ଼ ବଡ଼ ପ୍ରବୀଣ ଖୋଜି (ପାଦଚିହ୍ନକୁ ଅନ୍ୱେଷଣ କରି ଲକ୍ଷସ୍ଥଳରେ ପହଂଚୁଥିବା ବ୍ୟକ୍ତି) ଥିଲେ । ସେମାନଙ୍କର ସାହାଯ୍ୟ ଦ୍ୱାରା ଅନ୍ୱେଷଣ / ଅନୁସରଣ କରୁଥିବା ଠିକ୍ ସେହି ସ୍ଥାନରେ ପହଂଚିଗଲେ ଯେଉଁଠାରେ ରସୁଲେ କରିମ୍ ସ:ଆ:ସ ଓ ହଜରତ ଅବୁ ବକର ର:ଅ (ଲୁଚି) ବସିଥିଲେ । ଈଶ୍ୱରଙ୍କ ଲୀଳା ଯେ ସେହି ଗୁମ୍ଫାର ଦ୍ୱାର ଦେଶରେ କିଛି ବୁଦା (ଗଛଲତା) ସୃଷ୍ଟି ହୋଇଯାଇଥିଲା ଓ ଯାହାର ଡ଼ାଳଗୁଡ଼ିକ ପରସ୍ପର ସହିତ ଛନ୍ଦାଛନ୍ଦି ହୋଇ ରହିଥିଲା । ଯଦି ସେହି ଲୋକମାନେ ଡ଼ାଳଗୁଡ଼ିକୁ ହଟାଇ ଦେଖିଥାନ୍ତେ ତା'ହେଲେ ରସୁଲେ କରିମ୍ ସ:ଆ:ସ ଓ ହଜରତ ଅବୁ ବକର ର:ଅଙ୍କୁ ସେଠାରେ ବସିଥିବାର ଦେଖିପାରିଥାନ୍ତେ । ଖୋଜି ସେଠାରେ ପହଂଚି କହିଲେ:- ଏଠାରୁ ସେମାନେ ଆକାଶକୁ ଚଢ଼ି ଯାଇଥିବେ ବା ଆ ଭିତରେ ବସିଛନ୍ତି । ଆ ଠାରୁ ଆଗକୁ ଯାଇନାହାନ୍ତି । କ୍ଷଣକ ପାଇଁ ଚିନ୍ତା କରି ଦେଖ ସେ ସମୟ କେତେ ସଙ୍କଟାପନ୍ନ ସମୟ ଥିଲା । ସେତେବେଳେ ହଜରତ ଅବୁ ବକର ର:ଅ ବହୁତ ଘାବରେଇ ଗଲେ କିନ୍ତୁ ନିଜ ପାଇଁ ନୁହେଁ ବରଂ ରସୁଲେ କରିମ୍ ସ:ଆ:ସଙ୍କ ପାଇଁ । ସେତେବେଳେ ରସୁଲେ କରିମ୍ ସ:ଆ:ସ କହିଲେ:- **ଲା ତହଜନ୍ ଇନ୍ନଲ୍ଲାହା ମାଅନା ।** ଅର୍ଥାତ:- କାହିଁକି ବ୍ୟତିବ୍ୟସ୍ତ ହେଉଅଛ । ଆମ ସହିତ ଖୁଦାତାଲା ଅଛନ୍ତି । ଯଦି ରସୁଲେ କରିମ୍ ସ:ଆ:ସ ଖୁଦାତାଲାଙ୍କୁ ନିଜ ଅସ୍ତିତ୍ୱ ମଧ୍ୟରେ ନ ଦେଖିଥାନ୍ତେ ତା'ହେଲେ ଏହା କିପରି ସମ୍ଭବ ଥିଲା ଯେ ଏପରି ସଂକଟାପନ୍ନ ପରିସ୍ଥିତିରେ ବ୍ୟତିବ୍ୟସ୍ତ / ବ୍ୟସ୍ତ ବିବ୍ରତ ନ ହୋଇଥାନ୍ତେ ! ବରଂ କଠିନରୁ କଠିନ ହୃଦୟ ରଖିଥିବା ବ୍ୟକ୍ତି ମଧ୍ୟ ଏପରି ଅବସ୍ଥାରେ ଶତ୍ରୁମାନଙ୍କୁ ମୁଣ୍ଡ ଉପରେ ଦେଖି ଘାବରେଇ ଯାଇଥାଏ କିନ୍ତୁ ରସୁଲେ କରିମ୍ ସ:ଆ:ସ ବିଲ୍‌କୁଲ୍ ଅତି ନିକଟରେ ତଥା ମୁଣ୍ଡ ଉପରେ ନିଜର ଶତ୍ରୁମାନଙ୍କୁ ଦେଖି କହିଲେ: **ଲା ତହଜନ୍ ଇନ୍ନଲ୍ଲାହା ମାଅନା** ଅର୍ଥାତ:- ଖୁଦାତାଲା ଆମ ସହିତ ଅଛନ୍ତି ତେଣୁ ତୁମକୁ ବ୍ୟସ୍ତ ହେବାର କୌଣସି ଆବଶ୍ୟକ ନାହିଁ । ଶତ୍ରୁ ମଧ୍ୟ ଏମିତି ଶତ୍ରୁ ଥିଲେ ଯେଉଁମାନେ ଲଗାତାର ତେର ବର୍ଷ ପର୍ଯ୍ୟନ୍ତ ମହାଭାଗ ସ:ଆ:ସଙ୍କ ଜୀବନ ନେବା ପାଇଁ ଚେଷ୍ଟା କରିଚାଲିଥିଲେ ଓ ଯେଉଁମାନଙ୍କୁ ଖୋଜି ଏକଥା କହୁଥିଲେ ଯେ ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) ଆକାଶକୁ ଚଢ଼ି ଯାଇଛନ୍ତି ବା ଆ ଭିତରେ ବସିଛନ୍ତି । ଏପରି ଅବସ୍ଥାରେ ଅଲ୍ଲାଃଙ୍କ ବାଣୀ ଶୁଣାଉଛନ୍ତି । ଏହା ଅଲ୍ଲାଃଙ୍କ ପ୍ରତି ଜ୍ଞାନ ଥିଲା, ଯେଉଁଥିପାଇଁ ମହାଭାଗ ସ:ଆ:ସ ଏହା କହିଥିଲେ । ମହାଭାଗ ସ:ଆ:ସ ଖୁଦାତାଲାଙ୍କୁ ନିଜ ଭିତରେ ଦେଖୁଥିଲେ ଓ ଏହା ବୁଝୁଥିଲେ ଯେ ମୋ ମୃତ୍ୟୁ ସହିତ ଖୁଦାତାଲାଙ୍କ ଜ୍ଞାନ ମଧ୍ୟ ନିଃଶେଷ ହୋଇଯିବ । ତେଣୁ ମତେ କେହି ବି ମାରିପାରିବେ ନାହିଁ"

***(ଇର୍‌ଫାନେ ଇଲାହୀ ଅଓର୍ ମୋହବ୍‌ବତ୍ ବିଲ୍ଲାହ କା ଆଲି ମର୍ତବା, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୧, ପୃ-୨୨୩-୨୩୪)***

ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି: "ହଜରତ ଇସା ଆ:ସ ନିଜ ସାଥିରେ କେବଳ ଜଣକୁ ହିଁ ରଖିଥିଲେ ଧୁମାଙ୍କୁ ଯେମିତି ଆମ ନବୀ ସ:ଆ:ସ ମଦିନା ହିଜ୍‌ରତ୍ କରିବା ସମୟରେ କେବଳ ହଜରତ ଅବୁ ବକର ର:ଅଙ୍କୁ ସାଥିରେ ରଖିଥିଲେ । କାରଣ ରୋମ୍‌ର ସମ୍ରାଟ ହଜରତ ଇସା ଆ:ସଙ୍କୁ ବିଦ୍ରୋହୀ ଅଭିହିତ କରିସାରିଥିଲେ ଏବଂ ଏହି ଦୋଷରେ ପିଲାତୁସ୍ ବି ସମ୍ରାଟ କୈସର୍‌ର ଆଦେଶ ଅନୁସାରେ ହତ୍ୟା ହୋଇଥିଲା । କାରଣ ସେ ଭିତିରିଆ ହଜରତ ଇସା ଆ:ସଙ୍କ ସମର୍ଥକ ଥିଲା ଓ ତାଙ୍କ ପତ୍ନୀ ବି ହଜରତ ଇସା ଆ:ସଙ୍କ ଶିଷ୍ୟା ଥିଲେ । ତେଣୁ ଆବଶ୍ୟକ ଏହା ଥିଲା ଯେ ହଜରତ ଇସା ଆ:ସ ଏହି ଇଲାକାରୁ ଗୋପନୀୟ ଅବସ୍ଥାରେ ବାହାରି ଯାଇଥାନ୍ତେ ଏବଂ କୌଣସି କାଫିଲାକୁ ସାଥିରେ ନେଇନଥାନ୍ତେ । ତେଣୁ ସେମାନେ ସେହି ଯାତ୍ରାରେ କେବଳ ଧୁମା ହୱାରିକୁ ସାଥିରେ ନେଲେ ଯେମିତି ଆମ ନବୀ ସ:ଆ:ସ ମଦିନା ଯାତ୍ରା କରିବା ସମୟରେ କେବଳ ହଜରତ ଅବୁ ବକର ର:ଅଙ୍କୁ ସାଥିରେ ନେଇଥିଲେ । ଯେଉଁଭଳି ଆମ ନବୀ ସ:ଆ:ସଙ୍କ ବାକି ସାଥିଗଣ ଭିନ୍ନ ଭିନ୍ନ ମାର୍ଗ ଦେଇ ଭିନ୍ନ ଭିନ୍ନ ସମୟରେ ମଦିନାରେ ପହଂଚିଥିଲେ ଠିକ୍ ସେହିପରି ହଜରତ ଇସା ଆ:ସଙ୍କ ହୱାରି (ସାଥି ଓ ସହଯୋଗୀ)ମାନେ ଭିନ୍ନ ଭିନ୍ନ ସମୟରେ ହଜରତ ଇସା ଆ:ସଙ୍କ ସେବାରେ ପହଂଚିଥିଲେ ।" ***(ଜମିମା ବରାହିନେ ଅହ୍‌ମଦୀୟା ଭାଗ-୫, ରୁହାନୀ ଖଜାଇନ୍ ଖଣ୍ଡ-୨୧, ପୃ-୪୦୨)***

ପୁଣି ଆଉ ଏକ ସ୍ଥାନରେ ହଜରତ ମସିହ ମଉଦ ଆ:ସ କୁହନ୍ତି;

ଯେ ହଜରତ ଅବୁ ବକର୍ ସଦ୍ଦିକ୍ ର:ଅଙ୍କ ସତ୍ୟତା ସେହି ସଙ୍କଟପୂର୍ଣ୍ଣ ଅବସ୍ଥାରେ ପ୍ରକାଶ ହେଲା ଯେବେ ଆଁ ହଜରତ ସ:ଆ:ସଙ୍କୁ ଘେରାଉ କରାଯାଇଥିଲା । ଯଦିଚ କି କୁଫ୍‌ଫାର୍ (ଅମାନ୍ୟକାରୀ) ମାନଙ୍କ ମତରେ (ସେମାନଙ୍କର ଉଦ୍ଦେଶ୍ୟ ଆଁ ହଜରତ ସ:ଆ:ସଙ୍କୁ ମକ୍କାରୁ) ବାହାର କରିଦେବାର ଥିଲା କିନ୍ତୁ ଅସଲ ଉଦ୍ଦେଶ୍ୟ ଓ ଅଧିକାଂଶଙ୍କ ମତ ଏହା ଥିଲା ଯେ ମହାଭାଗ ସ:ଆ:ସଙ୍କୁ ହତ୍ୟା କରାଯାଉ । ଏଭଳି ସଂକଟାପନ୍ନ ପରିସ୍ଥିତିରେ ହଜୁର ସ:ଆ:ସଙ୍କର ହଜରତ ଅବୁବକର ର:ଅଙ୍କୁ ଚୟନ କରିବା ଅବୁବକର ର:ଅଙ୍କର ପୂର୍ଣ୍ଣ ସତ୍ୟବାଦୀ ଓ ଚିରକାଳ ପାଇଁ ସର୍ବୋଚ୍ଚ ବିଶ୍ୱସ୍ତତାର ଜ୍ୱଳନ୍ତ ପ୍ରମାଣ ହୋଇ ରହିବ । ସେତେବେଳେ ଆପଣ ର:ଅଙ୍କ ନିକଟରେ ୭୦/୮୦ଜଣ ସାହାବା ଉପସ୍ଥିତ ଥିଲେ । ଯେଉଁମାନଙ୍କ ମଧ୍ୟରେ ହଜରତ ଅଲୀ ର:ଅ ମଧ୍ୟ ସାମିଲ ଥିଲେ । କିନ୍ତୁ ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ଚୟନ କରିଥିଲେ । ଏଥିରେ କ'ଣ ରହସ୍ୟ ଥିଲା ? ବାସ୍ତବ ପକ୍ଷେ ନବୀ ପ୍ରଭୁଙ୍କ ଚକ୍ଷୁରେ ଦେଖିଥାଏ ଏବଂ ତାଙ୍କର ବୁଝାମଣା ପ୍ରଭୁଙ୍କ ନିକଟରୁ ଆସିଥାଏ । ଅତଏବ ଅଲ୍ଲାଃତାଲା ହିଁ ହଜୁର ସ:ଆ:ସଙ୍କୁ ଦିବ୍ୟସ୍ୱପ୍ନ ଓ ଐଶ୍ୱରୀବାଣୀ ଜରିଆରେ ପ୍ରକାଶ କରିଦେଇଥିଲେ, ଯେ ଏହି କାର୍ଯ୍ୟ ପାଇଁ ସବୁଠାରୁ ଉତମ ଓ ଉପଯୁକ୍ତ ପ୍ରାର୍ଥୀ ହଜରତ ଅବୁବକର ସିଦ୍ଦିକ୍ ର:ଅ ଅଟନ୍ତି । ସେ ହିଁ ଏହି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଆପଣଙ୍କ ସାଥିରେ ରହିବେ । ତାହା ଏକ ବଡ଼ ଅଗ୍ନି ପରୀକ୍ଷାର ସମୟ ଥିଲା । ପୁନଶ୍ଚ ଦେଖ, ହଜରତ ଇଶା ମସିହ ଆ:ସ ଯେତେବେଳେ ଏପରି ସଂକଟାପନ୍ନ ପରିସ୍ଥିତିର ସମ୍ମୁଖୀନ ହେଲେ ସେତେବେଳେ ତାଙ୍କ ଅନୁଚରମାନେ ତାଙ୍କୁ ଛାଡ଼ି ପଳାୟନ କରିଗଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ତ' ତାଙ୍କୁ ଅଭିଶାପ ଦେଲା । କିନ୍ତୁ ହଜୁରସ:ଆ:ସଙ୍କ ସାହାବାମାନେ ପୂର୍ଣ୍ଣ ଆଜ୍ଞାବହତାର ନମୁନା ପ୍ରଦର୍ଶନ କରିଥିଲେ ଅତଏବ ହଜରତ ଅବୁ ବକର ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସମ୍ପୂର୍ଣ୍ଣ ରୂପେ ସାହାଯ୍ୟ ସହଯୋଗ କଲେ ଏବଂ ଗୋଟିଏ ଗୁମ୍ଫା ଯାହାର ନାମ ହେଉଛି ସୋର୍, ସେଠାରେ ଯାଇ ମହାଭାଗ ସ:ଆ:ସ ଲୁଚିଗଲେ । ଦୁଷ୍ଟ କୁଫ୍‌ଫାର୍‌ମାନେ, ଯେଉଁମାନେ ମହାଭାଗ ସ:ଆ:ସଙ୍କୁ ଦୁଃଖ କଷ୍ଟ ପହଂଚାଇବା ପାଇଁ ପୂର୍ବରୁ ଯୋଜନା କରିଥିଲେ, ସେମାନେ ଖୋଜି ଖୋଜି ଗୁମ୍ଫା ପର୍ଯ୍ୟନ୍ତ ପହଂଚି ଗଲେ । ହଜରତ ଅବୁ ବକର ର:ଅ ନିବେଦନ କଲେ ଯେ ଏବେ ତ ଏମାନେ ବିଲ୍‌କୁଲ୍ ମୁଣ୍ଡ ଉପରେ ପହଂଚିଗଲେଣି । ଯଦି କେହି ଜଣେ ପଛକୁ ଚାହିଁ ଦେବ ତା'ହେଲେ ସେ ଦେଖିନେବ ଓ ଆମେ ଧରା ପଡ଼ିଯିବା । ସେତେବେଳେ ମହାଭାଗ ସ:ଆ:ସ କହିଲେ **ଲା ତହ୍‌ଜନ୍ ଇନ୍ନଲ୍ଲାହା ମାଆନା** ଅର୍ଥାତ:- ଚିନ୍ତା କରନାହିଁ ଅଲ୍ଲାଃ ତାଲା ଆମ ସହିତ ଅଛନ୍ତି । ଏହି ଶବ୍ଦ ଉପରେ ଚିନ୍ତା କରନ୍ତୁ ଯେ ଆଁ ହଜରତ ସ:ଆ:ସ ହଜରତ ଅବୁ ବକର ର:ଅଙ୍କୁ ନିଜ ସହିତ ହଜରତ ଅବୁ ବକର ର:ଅଙ୍କୁ ମିଶାଇ ଦେଇଛନ୍ତି । ଅତଏବ । ଇନ୍ନଲ୍ଲାହା ମାଆନା ଏହି ଉକ୍ତିକୁ ଅନୁଧ୍ୟାନ କଲେ ମାଆନା ଶବ୍ଦ ପ୍ରକାଶ କରୁଛି ଯେ ଏଥିରୁ ଯଥାର୍ଥ ହଜୁର ସ:ଆ:ସ ଓ ହଜରତ ଅବୁବକର ର:ଅ ଦୁହେଁ ଅଟନ୍ତି । ଅର୍ଥାତ ଅଲ୍ଲାଃତାଲା ତୁମ ଓ ମୋ ସହିତ ଅଛନ୍ତି । ଅଲ୍ଲାଃତାଲା ନିକୀତିର ଗୋଟିଏ ପଲାରେ ହଜୁର ସ:ଆ:ସଙ୍କୁ ରଖିଥିଲେ ତ ଅନ୍ୟ ପାର୍ଶ୍ୱରେ ହଜରତ ଅବୁବକର ର:ଅଙ୍କୁ ରଖିଥିଲେ । ସେ ସମୟରେ ଦୁଇଜଣଯାକ ପରୀକ୍ଷାରେ ପଡ଼ିଥିଲେ କାରଣ ତାହା ଏପରି ସମୟ ଥିଲା ଯେଉଁଠି ଇସ୍‌ଲାମ୍‌ର ଭିତି ସ୍ଥାପନ ହେବାର ଥିଲା । ବା ତାହା ଶେଷ ହୋଇଯାଇଥାନ୍ତା । ଶତ୍ରୁ ଗୁମ୍ଫା ମୁହଁରେ ଉପସ୍ଥିତ ଓ ବିଭିନ୍ନ ପ୍ରକାରର ମତାମତ ଚାଲିଥିଲା । କିଛି ଲୋକ କହୁଥିଲେ ଯେ ଏହି ଗୁମ୍ଫାକୁ ତଲାଶ୍ କର କାରଣ ପାଦ ଚିହ୍ନ ତ ଏହି ପର୍ଯ୍ୟନ୍ତ ଆସିଛି ଶେଷ ହୋଇଯାଇଛି । କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ କହୁଥିଲେ ଯେ ଏଠାରେ ମଣିଷ କିପରି ରହିପାରିବେ ? ବୁଢ଼ିଆଣି ଜାଲ ବୁଣିଛି କାବୁତି ଅଣ୍ଡା ଦେଇଛି । ଏହିପରି କଥାର ଶବ୍ଦ ଗୁମ୍ଫା ଭିତରକୁ ପହଂଚୁଥିଲା ଓ ମହଭାଗ ସ:ଆ:ସ ବହୁତ ସ୍ପଷ୍ଟ ଭାବରେ ସେମାନଙ୍କ କଥାକୁ ଶୁଣୁଥିଲେ । ଶତ୍ରୁ ଏପରି ଅବସ୍ଥାରେ ଆସିଥିଲେ ଯେ, ସେମାନେ ଶେଷ କରିଦେବାକୁ ଚାହୁଁଥିଲେ ଓ ପାଗଳଙ୍କ ପରି ଧାଇଁ ଆସିଥିଲେ । କିନ୍ତୁ ମହାଭାଗ ସ:ଆ:ସଙ୍କ ଦୃଢ଼ ସାହାସକୁ ଦେଖନ୍ତୁ ଯେ ଶତ୍ରୁ ମୁଣ୍ଡ ଉପରେ ଅଛନ୍ତି ଓ ଆପଣ ସ:ଆ:ସ ନିଜର ସତ୍ୟବାଦୀ ସାଥି ସିଦ୍ଦିକ୍ ର:ଅଙ୍କୁ କହୁଛନ୍ତି:- **ଲା ତହ୍‌ଜନ୍ ଇନ୍ନଲ୍ଲାହା ମାଆନା** । ଏହି ବାକ୍ୟ ବହୁତ ସ୍ପଷ୍ଟ ଭାବରେ ପ୍ରକାଶ କରୁଅଛି ଯେ ମହାଭାଗ ସ:ଆ:ସ ମୁହଁରେ ଉଚ୍ଚାରଣ କରି ଏପରି କହିଛନ୍ତି କାରଣ ଶବ୍ଦ ଦ୍ୱାରା ହିଁ ଉଚ୍ଚାରଣ ହୋଇଥାଏ । ଇସାରା ଦ୍ୱାରା କାମ ଚଳେ ନାହିଁ । ବାହାରେ ଶତ୍ରୁ ପରାମର୍ଶ କରୁଛନ୍ତି ଓ ଗୁମ୍ଫା ଭିତରେ ଖାଦିମ୍ ଓ୍ ମଖ୍‌ଦୁମ୍ (ଅର୍ଥାତ ସେବକ ଏବଂ ଯାହାଙ୍କ ସେବା କରାଯାଏ) ମଧ୍ୟ ପରସ୍ପର କଥା ହେଉଛନ୍ତି । ଏ କଥାରେ ଚିନ୍ତା କରାଯାଉ ନାହିଁ ଯେ କାଳେ ଶତ୍ରୁମାନେ ଶୁଣିନେବେ ! ଏହା ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ପୂର୍ଣ୍ଣ ଜ୍ଞାନର ପ୍ରମାଣ । ଖୁଦାତାଲାଙ୍କ ପ୍ରତିଶ୍ରୁତି ଉପରେ ସମ୍ପୂର୍ଣ୍ଣ ଭରସା । ଆଁ ହଜରତ ସ:ଆ:ସଙ୍କ ସାହାସ ପାଇଁ ଏହି ଦୃଷ୍ଟାନ୍ତ ଯଥେଷ୍ଟ ।"

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୭୬-୩୭୮)***

ପୁଣି ହଜରତ ମସିହ୍ ମଉଦ୍ ଆ:ସ ଆଉ ଏକ ସ୍ଥାନରେ କହିଛନ୍ତି ଯେ "ମହାମହିମ ଅଲ୍ଲାଃ ନିଜର ନିଷ୍କପଟ ନବୀଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଆଲୌକିକ ଶକ୍ତି ଦେଖାଇଲେ ଯେ ବିରୋଧିମାନେ ସେହି ଗୁମ୍ଫା ନିକଟରେ ପହଂଚି ଯାଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଆଁ ହଜରତ ସ:ଆ:ସଙ୍କୁ ଦେଖିପାରିଲେ ନାହିଁ । ସେହି ଗୁମ୍ଫାରେ ଆଁ ହଜରତ ସ:ଆ:ସ ନିଜ ସାଥିଙ୍କ ସହିତ ଗୋପନ ଥିଲେ । ସେଠାକୁ ଖୁଦାତାଲା ଗୋଟିଏ କାବୁତି ଯୋଡ଼ି ପଠାଇଦେଲେ, ଯିଏ ସେହି ରାତିରେ ଗୁମ୍ଫା ମୁହଁରେ ଗୋଟିଏ ବସା ତିଆରି କରି ଅଣ୍ଡା ମଧ୍ୟ ଦେଇଦେଲେ ଏବଂ ସେହିପରି ଅଲ୍ଲାଃଙ୍କ ଆଦେଶ ମୁତାବକ ବୁଢ଼ିଆଣୀ ମଧ୍ୟ ସେହି ଗୁମ୍ଫା ମୁହଁରେ ନିଜର ଜାଲ ବୁଣି ଦେଲା । ଏତଦଦ୍ୱାରା ବିରୋଧିମାନେ ଧୋକାରେ ପଡ଼ି ଅସଫଳ ହୋଇ ଲେଉଟି ଗଲେ ।"

***(ସୁର୍‌ମା ଚଶ୍‌ମେ ଆର୍‌ୟା, ରୁହାନୀ ଖଜାଇନ୍ ଖଣ୍ଡ-୨, ପୃ-୬୬ ହାଶିୟା)***

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ପୂର୍ବ ପ୍ରସ୍ତୁତ ଯୋଜନା ମୁତାବକ ହଜରତ ଅବୁବକର ର:ଅଙ୍କର ପୁତ୍ର ଅବ୍‌ଦୁଲ୍ଲାଃ ରାତ୍ର ସମୟରେ ଗାରେ ସୋର ଆସି ମକ୍କାରେ ଘଟୁଥିବା ଦିନ ତମାମର ଘଟଣା ଚକ୍ରର ଖବର ଦେଉଥିଲେ ଏବଂ ପ୍ରଭାତରେ ସଅଳ ସଅଳ ମକ୍କା ଫେରି ଯାଉଥିଲେ, ଯେପରି ଅନ୍ୟମାନଙ୍କୁ ପ୍ରତୀତ ହେବ ଯେ ସେ ମକ୍କାରେ ହିଁ ରାତି ଯାପନ କରିଛନ୍ତି । ଆମିର ବିନ୍ ଫୁହୈରାଃ ଏଭଳି ବିଚକ୍ଷଣ ବ୍ୟକ୍ତି ଥିଲେ ଯେ ସେ ସନ୍ଧ୍ୟା ବେଳେ କ୍ଷୀର ଦେଉଥିବା ଛେଳିମାନଙ୍କୁ ସେଠାରେ କ୍ଷୀର ଦେବା ପରେ ପ୍ରତ୍ୟାବର୍ତନ କରି ଆଣିବା ବେଳେ ଅବ୍‌ଦୁଲ୍ଲାଃ ବିନ୍ ଅବୁବକର ର:ଅଙ୍କ ପାଦ ଚିହ୍ନ ଲିଭେଇ ଆସୁଥିଲେ । ***(ସହି ବୁଖାରୀ, କିତାବୁ ମନାକିବୁଲ୍ ଅନ୍‌ସାର୍....... ହଦିସ୍ ନଂ-୩୯୦୫) (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍, ଖଣ୍ଡ-୧-୨, ପୃ-୨୮୯.... ବେରୁତ ୨୦୦୮)*** କିଛି ଜୀବନଚରିତ ଲେଖାଳୀମାନେ ଏ କଥା ବି ବର୍ଣ୍ଣନା କରିଛନ୍ତି ଯେ ହଜରତ ଅସ୍‌ମାଆ ର:ଅ ପ୍ରତ୍ୟେକ ଦିନ ସେଠାକୁ ଖାଦ୍ୟ ନେଇ ଯାଉଥିଲେ । ***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୫୪....... ବେରୁତ ୨୦୦୨)*** କିନ୍ତୁ ଏହା କଳ୍ପନା ବାହାର କଥା । କିଛି ଲୋକଙ୍କର ଏ ମତ ସଠିକ୍ ଲାଗୁଛି ଯେ ଏପରି ବିପଦପୂର୍ଣ୍ଣ ସମୟରେ ଜଣେ ମହିଳାଙ୍କୁ ପ୍ରତିଦିନ ଏପରି ସ୍ଥାନକୁ ଯିବା ରହସ୍ୟକୁ ଉନ୍ମୋଚନ କରିବାର କାରଣ ଥିଲା । ପୁଣି ଯେବେ ଅବ୍‌ଦୁଲ୍ଲାଃ ବିନ୍ ଅବୁ ବକର୍ ର:ଅ ପ୍ରତ୍ୟହ ସେଠାକୁ ଆସୁଥିଲେ, ତେବେ ପୁଣି ହଜରତ ଅସ୍‌ମାଆ ର:ଅଙ୍କୁ ଖାଦ୍ୟ ନେଇ ଯିବାର କଣ ଆବଶ୍ୟକ ଥିଲା ? ସେ ଯାହା ହେଉ ଏ ବିଷୟ ଅଲ୍ଲାଃ ତାଲା ସଠିକ୍ ଜାଣିଥିବେ । କିନ୍ତୁ ତିନିଦିନ ଏହିପରି ବିତିଗଲା । ମକ୍କାବାସୀ ଯେତେବେଳେ ଆଖପାଖ ଇଲାକା ଖୋଜା ଖୋଜି କରି ଅସଫଳ ହେଲେ, ସେତେବେଳେ ସେମାନେ ଆପୋଷରେ ପରାମର୍ଶ କଲେ ଓ ପରାମର୍ଶ କରି ଏ ଘୋଷଣା କଲେ ଯେ (ମୁହମ୍ମଦ ସ:ଆ:ସଙ୍କୁ) ଧରି ଆଣିବା ପାଇଁ ବଡ଼ ପୁରସ୍କା ଦିଆଯିବ । ଏଥିପାଇଁ ମକ୍କାର ଆଖପାଖ ସମସ୍ତ ବସ୍ତିଗୁଡ଼ିକରେ ଡ଼ିଙ୍ଗୁରା ପିଟି ଘୋଷଣା କଲେ ଯେ ମୁହମ୍ମଦ (ସ:ଆ:ସ)ଙ୍କୁ ଜୀବିତ ତଥା ମୃତ ଘେନି ଆଣିବା ଲୋକଙ୍କୁ ଶହେ ଓଟ ପୁରସ୍କାର ଦିଆଯିବ । ଏତେ ବଡ଼ ପୁରସ୍କାର ଘୋଷଣାର ଲୋଭରେ ଅନେକ ଲୋକ ଆଁ ହଜରତ୍ ସ:ଆ:ସଙ୍କୁ ଖୋଜିବା ପାଇଁ ଉତ୍ସାହିତ ହୋଇଗଲେ ।

***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୫୮....... ବେରୁତ ୨୦୦୨)***

ଅପରପକ୍ଷେ ତିନିଦିନ ସମ୍ପୂର୍ଣ୍ଣ ହେବାରେ ପ୍ରତିଶ୍ରୁତି ମୁତାବକ ଅବ୍‌ଦୁଲ୍ଲାଃ ବିନ୍ ଉରୈକିତ୍ ଓଟ ନେଇ ପହଂଚିଗଲେ । ସହି ବୁଖାରୀର ଗୋଟିଏ ରିୱାୟତ୍‌ରେ ଏକଥା ଉଲ୍ଲେଖ ଅଛି ଯେ ଅବ୍‌ଦୁଲ୍ଲାଃ ବିନ୍ ଉରୈକିତ୍‌ଙ୍କଠାରୁ ଠାରୁ ଏହି ପ୍ରତିଶ୍ରୁତି ନିଆଯାଇଥିଲା ଯେ ସେ ତିନିଦିନ ପରେ ସୂର୍ଯ୍ୟୋଦୟ ସମୟରେ ଓଟଗୁଡ଼ିକୁ ନେଇ ଗାରେ ସୋର'ରେ ପହଂଚି ଯିବେ । ***(ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍ ପୃ-୩୪୪..... ବେରୁତ୍ ୨୦୦୧) (ସହି ବୁଖାରୀ..... ହଦିସ୍ ନଂ-୩୯୦୫) (ଫତହୁଲ୍ ବାରି ଶରହ୍ ସହି ବୁଖାରୀ ଖଣ୍ଡ-୭, ପୃ-୨୩୮..... ବେରୁତ)***

ଏହି ରିୱାୟତ୍‌ରୁ ଏକଥା ଜଣାପଡୁଛି ଯେ ସୋର୍ ଗୁମ୍ଫାଠାରୁ ମଦିନା

ଆଡ଼କୁ ଯାତ୍ରା ସକାଳ ସମୟରେ ହିଁ ଆରମ୍ଭ ହୋଇଥିଲା । କିନ୍ତୁ ବୁଖାରୀର ଆଉ ଏକ ରିଓ୍ୱାୟତ୍‌ରେ ଏ ସ୍ପଷ୍ଟିକରଣ ମହଜୁଦ୍ ଅଛି ଯେ ଯାତ୍ରା ରାତି ସମୟରେ ଆରମ୍ଭ ହୋଇଥିଲା । ଅତଃ ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଅବ୍‌ଦୁଲ୍ଲାଃ ବିନ୍ ଉରୈକିତ୍ ବିଷୟରେ ଲେଖିଛନ୍ତି ଯେ "ଆଁ ହଜରତ ସ:ଆ:ସ ଏବଂ ହଜରତ ଅବୁ ବକର ର:ଅ ତାଙ୍କୁ ପୂର୍ବରୁ ଓଟ ଗୁଡ଼ିକୁ ଦେଇ ଦେଇଥିଲେ ଓ ବୁଝାଇ ଦେଇଥିଲେ ଯେ ତିନିରାତି ବିତିଯିବା ପରେ ତୃତୀୟ ଦିନ ସକାଳ ବେଳା ଓଟ ଗୁଡ଼ିକୁ ଧରି ସୋର୍ ଗୁମ୍ଫାରେ ପହଂଚିଯିବ । ଅତଏବ ପ୍ରତିଶୃତି ମୁତାବକ ସେ ତୃତୀୟ ଦିନ ସେହି ଓଟଗୁଡ଼ିକୁ ନେଇ ସେଠାରେ ପହଂଚି ଯାଇଥିଲେ । ଏହା ବୁଖାରୀର ପ୍ରଶିଦ୍ଧ ରିଓ୍ୱାୟତ୍ ଅଟେ । କିନ୍ତୁ ଐତିହାସିକମାନେ ଲେଖିଛନ୍ତି ଯେ ଆଁ ହଜରତ ସ:ଆ:ସ ରିତି ସମୟରେ ହିଁ ସେଠାରୁ ଯାତ୍ରା କରିଥିଲେ ଏବଂ ବୁଖାରୀର ଆଉ ଏକ ରିଓ୍ୱାୟତ୍‌ରେ ଏହା ସମର୍ଥନ ମିଳୁଅଛି । ଆନୁମାନିକ ଭାବରେ ଏହା ମଧ୍ୟ ପ୍ରତିତ ହେଉଅଛି ଯେ ମହାଭାଗ ସ:ଆ:ସ ରାତିରେ ହିଁ (ସୋର୍ ଗୁମ୍ଫାରୁ ବାହାରି ମଦିନା ଆଡ଼କୁ) ଯାତ୍ରା କରିଥିବେ" ***(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୨୩୯-୨୪୦)***

ରସୁଲେ କରିମ୍ ସ:ଆ:ସ ସୋମବାର ରାତି ରବିଉଲ୍ ଅଓ୍ୱଲ୍ ମାସର ପହିଲା ତାରିଖକୁ ଗୁମ୍ଫାରୁ ବାହାରି ଯାତ୍ରା ଆରମ୍ଭ କରିଥିଲେ । ଇବ୍‌ନେ ସଇଦ୍‌ଙ୍କ ମୁତାବକ ମହାଭାଗ ସ:ଆ:ସ ରବିଉଲ୍ ଅଓ୍ୱଲ୍ ମାସର ଚାରି ତାରିଖ ସୋମବାର ଦିନ ଗୁମ୍ଫାରୁ ବାହାରି ଯାତ୍ରା ଆରମ୍ଭ କରିଥିଲେ । ***(ତାରିଖୁଲ୍ ଖମିସ୍ ଖଣ୍ଡ-୨, ପୃ-୧୮..... ବେରୁତ ୨୦୦୯)***

ତାରିଖୁଲ୍ ଖମିସ୍‌ର ରିଓ୍ୱାୟତ୍‌ରେ ମାସର ପ୍ରଥମ ତାରିଖ ଦରଜ ଅଛି । ସହି ବୁଖାରୀର ବ୍ୟାଖ୍ୟାକାରୀ **ଅଲ୍ଲାମା ଇବ୍‌ନେ ହଜର୍ ଅସ୍‌କଲାନୀ** ଲେଖିଛନ୍ତି ଯେ ଇମାମ୍ ହାକିମ୍ କହିଛନ୍ତି ଯେ ଏ ବିଷୟରେ ଏପରି ମତ ଚାଲି ଆସିଛି ଯେ ହଜୁର ସ:ଆ:ସଙ୍କ ମକ୍କାରୁ ବାହାରିବାର ଦିନ ସୋମବାର ଥିଲା ଏବଂ ମଦିନାରେ ପ୍ରବେଶ ହେବାର ଦିନ ମଧ୍ୟ ସୋମବାର ଥିଲା । କେବଳ ମୁହମ୍ମଦ ବିନ୍ ମୁସା ଖୁଆରଜମି ଏକଥା ଉଲ୍ଲେଖ କରିଛନ୍ତି ଯେ ଆଁ ହଜରତ ସ:ଆ:ସ ମକ୍କାରୁ ଗୁରୁବାର ଦିନ ବାହାରିଥିଲେ । ଅଲ୍ଲାମା ଇବିନ୍ ହଜର୍ ଏହି ରିଓ୍ୱାୟତ୍‌ଗୁଡ଼ିକୁ ଅନୁଶୀଳନ କରି ଲେଖିଛନ୍ତି ଯେ ରସୁଲେ କରିମ୍ ସ:ଆ:ସ ମକ୍କାରୁ ଗୁରୁବାର ଦିନ ବାହାରିଥିଲେ ଏବଂ ଗୁମ୍ଫା ଭିତରେ ଶୁକ୍ର, ଶନି ଏବଂ ରବିବାର ତିନି ରାତି ବିତାଇବା ପରେ ସୋମବାର ରାତି ସମୟରେ ମଦିନା ନିମନ୍ତେ ଯାତ୍ରା କରିଥିଲେ । ***(ଫତହୁଲ୍ ବାରି ଶରହ୍ ସହି ବୁଖାରୀ ଲେ ଇବ୍‌ନେ ହଜର୍ ଖଣ୍ଡ-୭, ପୃ-୨୯୯..... ଆରାମ୍ ବାଗ୍ କରାଚି)***

ଆଁ ହଜରତ ସ:ଆ:ସଙ୍କର ଗୋଟିଏ ଓଟର ନାମ କସ୍‌ଓ୍ୱା ଥିବାର ଉଲ୍ଲେଖ ମିଳୁଛି । ଯାହା ଉପରେ ଆପଣ ଆରୋହଣ କରି ଏହି ଯାତ୍ରା କରିଥିଲେ । ହଜରତ ଅବୁବକର ର:ଅ ଆମିର ବିନ୍ ଫୁହୈରାଃଙ୍କୁ ନିଜ ସାଥିରେ ଓଟରେ ବସାଇ ଥିଲେ ଏବଂ ଉରୈକିତ୍ ନିଜ ଓଟ ଉପରେ ଏକାକୀ ଆରୋହଣ କରି ଏହି ଯାତ୍ରା କରିଥିଲେ । ସେତେବେଳେ ଘରେ ହଜରତ ଅବୁବକର ର:ଅଙ୍କ ନିକଟରେ ୫/୬ ହଜାର ଦିରହମ୍ ଥିଲା ହିଜ୍‌ରତ୍ ଅର୍ଥାତ ପ୍ରବାସ କରିବା ସମୟରେ ହଜରତ ଅବୁ ବକର୍ ର:ଅ ନିଜର ସମସ୍ତ ଜମା ପୁଞ୍ଜି ସାଥିରେ ନେଇ ଯାଇଥିଲେ ଆଉ କିଛି ରିଓ୍ୱାୟତ୍ ମୁତାବକ ଆମିର୍ ବିନ୍ ଫୁହୈରାଃ ଏବଂ ହଜରତ ଅସ୍‌ମାଆ ର:ଅ ଖାଦ୍ୟ ନେଇ ଆସିଲେ । ସେହି ଖାଦ୍ୟରେ ଭଜା ଛେଳୀ ମାଂସ ଥିଲା କିନ୍ତୁ ସେଠାରେ ପହଂଚି ଖିଆଲ୍ ଆସିଲା ଯେ ଖାଦ୍ୟ ଓ ପାଣି ପାତ୍ରର ଥଳି ମୁହଁକୁ ବାନ୍ଧିବା ପାଇଁ କୌଣସି କପଡ଼ା ତଥା ରସି ଇତ୍ୟାଦି ନାହିଁ । ଏଥିରେ ହଜରତ ଅସ୍‌ମାଆ ନିଜର ଅଂଟାରସି ଖୋଲି ଦୁଇଖଣ୍ଡ କରିଦେଲେ । ଖଣ୍ଡିକର ଖାଦ୍ୟକୁ ଓ ଆର ଖଣ୍ଡକରେ ପାଣିପାତ୍ରରେ ଥଳିର ମୁହଁକୁ ବନ୍ଧାଗଲା । ନବୀ କରିମ୍ ସ:ଆ:ସ ହଜରତ ଅସ୍‌ମାଆ ର:ଅଙ୍କୁ ବୈକୁଣ୍ଠରେ ଦୁଇଟି ନତାକ୍ ଅର୍ଥାତ ଅଂଟାସୂତାର ସୁସମାଚାର ଦେଲେ ଓ ସେମାନଙ୍କୁ ବିଦାୟ ନେଲେ ଏବଂ ପ୍ରାର୍ଥନା କରି ଯାତ୍ରା ଆରମ୍ଭ କଲେ:- **ଅଲ୍ଲାହୁମ୍ମା ଅସ୍ ହବ୍‌ନି ଫି ସଫରି ଓ୍ୱଖ୍‌ଲୁଫ୍‌ନି ଫି ଅହ୍‌ଲି** ଅର୍ଥାତ:- ହେ ଅଲ୍ଲାଃ ମୋ ଯାତ୍ରାରେ ତୁମ୍ଭେ ମୋର ସାଥି ହୋଇଯାଅ ଓ ମୋ ଘର ଲୋକଙ୍କ ପାଇଁ ତୁମ୍ଭେ ମୋର ସାଥି ହୋଇଯାଅ ଓ ମୋ ଘର ଲୋକଙ୍କ ପାଇଁ ତୁମ୍ଭେ ମୋର ଉତରାଧିକାରୀ ହୋଇଯାଅ । ***(ମୁହମ୍ମଦ ରସୁଲୁଲ୍ଲାଃ ଓ୍ୱ ଲ୍‌ଲଜଇନ୍ ମାଆହୁ ଅଜ୍ ଅବ୍‌ଦୁଲ୍ ହମିଦ୍ ଯୁଦାଃ ଅସ୍‌ସାହାର୍ ଖଣ୍ଡ-୩, ପୃ-୬୧ ମୁଦ୍ରିତ ମିସର୍) (ସିରତୁନ୍ ନବଓ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୩୪୫....... ବେରୁତ ୨୦୦୧)***

ଯେମିତିକି ପୂର୍ବରୁ ଆଲୋଚନା ସରିଛି ଯେ ନତାକ୍ (ଅଂଟାସୂତା) ଦ୍ୱାରା ଖାଦ୍ୟ ବନ୍ଧାଯିବାର ଘଟଣା ହଜରତ ଅବୁ ବକର ର:ଅଙ୍କ ଘରୁ ବାହାରିବା ସମୟରେ ହୋଇଥିଲା । ଏଠାରେ ମଧ୍ୟ ସେହି କଥା ବର୍ଣ୍ଣିତ ରହିଛି । ଇତିହାସରେ ଦୁଇଟି ଅବସରରେ ଏ ବିଷୟ ଉଲ୍ଲେଖ ରହିଛି । କେତେକ ଏହା କହିଛନ୍ତି ଯେ ଯେତେବେଳେ ନବୀ କରିମ୍ ସ:ଆ:ସ ହିଜ୍‌ରତ୍ କରିବା ପାଇଁ ମକ୍କାରୁ ହଜରତ ଅବୁ ବକର ର:ଅଙ୍କ ଘରୁ ସୋର୍ ଗୁମ୍ଫା ଆଡ଼କୁ ଯିବା ପାଇଁ ବାହାରିଲେ ଏବଂ ଆଉ କେତେକ କହିଛନ୍ତି ଯେ ଏ ଘଟଣା ସେତେବେଳେ ହୋଇଥିଲା ଯେତେବେଳେ ଆଁ ହଜରତ ସ:ଆ:ସ ସୋର୍ ଗୁମ୍ଫାରୁ ମଦିନା ଆଡ଼କୁ ଯାତ୍ରା ଆରମ୍ଭ କରିଥିଲେ ସେତେବେଳେ ଏହା ଅନୁଷ୍ଠିତ ହୋଇଥିଲା । ସେ ଯାହା ହେଉ ଏହି ଦୁଇଟି କଥା ମିଳୁଅଛି । କିନ୍ତୁ ବୁଖାରୀରେ ହଜରତ ଆଇଶା ର:ଅ ଯାତ୍ରା ବେଳର ଯେଉଁ ବିବରଣୀ ବର୍ଣ୍ଣନା କରିଛନ୍ତି, ସେହି ସମସ୍ତ ରିଓ୍ୱାୟତ୍ ଗୁଡ଼ିକର ଧାରାରୁ ଏହା ପ୍ରତୀତ ହେଉଅଚି ଯେ ଏହି ଘଟଣା ହଜରତ ଅବୁ ବକର ର:ଅଙ୍କ ଘରୁ ବାହାରୁଥିବା ସମୟର ଘଟଣା ଥିଲା । ତେଣୁ ବୁଖାରୀର ରିଓ୍ୱାୟତକୁ ଅଗ୍ରାଧିକାର ଦେବା ଅଧିକ ଉପଯୁକ୍ତ ହେବ । କାରଣ ପ୍ରଥମତଃ ଗାରେ ସୋର୍ (ସୋର୍ ଗୁମ୍ଫା)ଠାରେ ରହିବାର କଥାକୁ ଯେଉଁ ଭଳି ଗୋପନ ରଖାଯାଇଥିଲା, ସେଠାକୁ ହଜରତ ଅସ୍‌ମାଆଙ୍କୁ ଖାଦ୍ୟ ନେଇ ଯିବା ଉଚିତ ଜଣାପଡୁ ନାହିଁ କାରଣ ସେଠାକୁ ହଜରତ ଅବ୍‌ଦୁଲ୍ଲାଃ ଅବୁ ବକର୍ ଏବଂ ହଜରତ ଆମୀର୍ ବିନ୍ ଫୁହୈରାଃ ର:ଅ ଦୁଇଜଣ ପୁରୁଷ ପ୍ରତ୍ୟେକ ଦିନ ଲୁଚିଛପି ଯାଉଥିଲେ । ଅତଏବ ଆଉ ଜଣେ ମହିଳାଙ୍କୁ ସେଠାକୁ ଯିବା ସୁରକ୍ଷା ଓ ସତର୍କତା ଦୃଷ୍ଟିକୋଣରୁ ଉଚିତ ଲାଗୁନାହିଁ । ସେ ଯାହା ହେଉ ଘରେ ଅଂଟା ରସି ଦ୍ୱାରା ଖାଦ୍ୟ ବନ୍ଧା ର ଯେଉଁ ଘଟଣା ମିଳୁଛି ସେଠାରେ ହଜରତ ଅସ୍‌ମାଆ ର:ଅଙ୍କ ନିଷ୍ଠାଭାବ ଓ ପ୍ରେମର ସୂଚନା ମଧ୍ୟ ପ୍ରତିତ ହେଉଅଛି ଯେ ଖାଦ୍ୟ ବାନ୍ଧିବା ପାଇଁ ଅନେକ କୌଣସି ଜିନିଷ ଖୋଜି ସମୟ ନଷ୍ଟ କରିବା ପରିବର୍ତେ ସେ ଏପରି କରିଥିଲେ । ଗୁମ୍ଫାଠାରେ ମଧ୍ୟ ଏପରି ହୋଇଥିବା ବିଷୟ କୁହାଯାଇପାରେ କାରଣ ସେଠାରେ କୌଣସି ଜିନିଷ ନଥିଲା କିନ୍ତୁ ଘରେ ମଧ୍ୟ ଏହି ଘଟଣା ହୋଇଥାଇପାରେ, ଯେ ତତ୍‌କ୍ଷଣାତ୍ କୌଣସି ଜିନିଏ ମିଳି ନଥିବ ଓ ସମୟ ନଷ୍ଟ ହେବାର ଆଶଙ୍କା ଥିବ, ତେଣୁ ନିଜର ଅଂଟାରେ ବନ୍ଧା ହୋଇଥିବା ରସିକୁ ଖୋଲି ଖାଦ୍ୟ ବାନ୍ଧି ହଜରତ ଅବୁ ବକର ର:ଅ ଓ ଆଁ ହଜରତ ସ:ଆ:ସଙ୍କୁ ବିଦା କରିଥିବେ । ତେଣୁ ବୁଖାରୀର ରିଓ୍ୱାୟତ୍ ମୁତାବକ ଏହା ସଠିକ୍ ଜଣାପଡୁଛି ଯେ ଖାଦ୍ୟ ବାନ୍ଧିବାର ଘଟଣା ହଜରତ ଅବୁ ବକର ର:ଅଙ୍କ ଘରୁ ବାହାରିବା ସମୟରେ ହୋଇଥିବ ନା କି ଗାରେ ସୋର୍‌ରୁ ମଦିନା ଯାତ୍ରା କରିବା ସମୟରେ । ଅଲ୍ଲାଃ ହିଁ ସଠିକ୍ ଜାଣିଥିବେ ।

ହଜରତ ଅସ୍‌ମାଆ ର:ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜରତ ଅବୁ ବକର ର:ଅ ହିଜ୍‌ରତ୍ କରିବା ପାଇଁ ବାହାରିଲେ ସେତେବେଳେ ହଜରତ ଅବୁ ବକର ର:ଅ ନିଜର ସମସ୍ତ ପୁଞ୍ଜି ସାଥିରେ ନେଇ ଯାଇଥିଲେ । ତାହା ପାଂଚ ଛଅ ହଜାର ଦିର୍‌ହମ୍ ଥିଲା ।

ହଜରତ ଅସ୍‌ମାଆ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆମ ଦାଦା (ଜେଜେବାପା) ଅବୁ କାହାଫା ଆମ ନିକଟକୁ ଆସିଲେ । ସେତେବେଳକୁ ତାଙ୍କର ଦୃଷ୍ଟିଶକ୍ତି ଚାଲିଯାଇଥିଲା । ସେ କହିଲେ ଅଲ୍ଲାଃଙ୍କ ରାଣ ! ମୁଁ ଭାବୁଛି ଯେ ଅବୁ ବକର୍ (ର:ଅ) ନିଜ ସହିତ ନିଜର ଧନ ଜରିଆରେ ବି ତୁମମାନଙ୍କୁ ଅସୁବିଧାରେ ପକାଇ ଦେଇଛି । ଏହା ଶୁଣି ମୁଁ କହିଲି ନା ନା ଜେଜେ ବାପା ! କଦାପି ନୁହେଁ । ସେ ତ ଆମ ପାଇଁ ବହୁତ ମାଲ୍ (ଧନ ସମ୍ପତି) ଛାଡ଼ି ଯାଇଛନ୍ତି । ପୁଣି ହଜରତ ଅସ୍‌ମାଆ ର:ଅ କହିଲେ ଯେ ମୁଁ କିଛି ପଥର ନେଇ ଘରର ସେହି ସ୍ଥାନରେ ରଖିଦେଲି, ଯେଉଁ ସ୍ଥାନରେ ମୋ ବାପା (ଅବୁ ବକର୍ ର:ଅ) ଧନା/ପୁଞ୍ଜି ରଖୁଥିଲେ । ପୁଣି ମୁଁ ସେହି ପଥର ଗୁଡ଼ିକ ଉପରେ ପରଦା ପକାଇ ଢ଼ାଙ୍କି ଦେଲି । ପୁଣି ମୁଁ ମୋ ଜେଜେବାପାଙ୍କ ହାତକୁ ଧରି କହିଲି ଜେଜେ ! ଏହି ଧନ ଉପରେ ଆପଣ ନିଜ ହାତ ରଖନ୍ତୁ । ସେ ସେଥିରେ ହାତ ମାରିଲେ ଓ କହିଲେ:- ଯଦି ସେ ତୁମମାନଙ୍କ ପାଇଁ ଏତେ ସବୁ ଧନ ଛାଡ଼ି ଯାଇଛି ତା'ହେଲେ କିଛି ଅସୁବିଧା ନାହିଁ । ସେ ଭଲ କାମ କରିଛି । ପୁଣି ହଜରତ ଅସ୍‌ମାଆ କହିଲେ ଅଲ୍ଲାଃଙ୍କ ରାଣ ! ହଜରତ ଅବୁ ବକର ର:ଅ ଆମ ପାଇଁ କିଛି ବି ଛାଡ଼ି ଯାଇନଥିଲେ କିନ୍ତୁ ମୁଁ ଚାହୁଁଥିଲି ଯେ ସେହି ବୁଜୁର୍ଗ (ଅର୍ଥାତ ମୋ ଜେଜେ ବାପା ଅବୁ କାହାଫା)ଙ୍କୁ କିପରି ସାନ୍ତ୍ୱନା ମିଳିଯାଉ । ***(ସିରତୁନ୍ ନବଓ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୩୪୫....... ବେରୁତ ୨୦୦୧)***

ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଗାରେ ସୋର୍‌ରୁ ବାହାରି ମଦିନା ଆଡ଼କୁ ଯାତ୍ରା କରିବା ସମ୍ବନ୍ଧରେ

ଉଲ୍ଲେଖ କରିଛନ୍ତି ଯେ:- "ଗାରେ ସୋର୍‌ରୁ ବାହାରି ମହାଭାଗ ସ:ଆ:ସ ନିଜ ଓଟ ଉପରେ ଆରୋହଣ କରିଲେ । କିଛି ରିୱାୟତ୍‌ରେ ଆସିଛି ଯେ ସେହି ଓଟର ନାମ **ଅଲ୍ କସ୍ୱା** ଥିଲା । ଦ୍ୱିତୀୟ ଓଟ ଉପରେ ହଜରତ ଅବୁ ବକର ର:ଅ ଓ ତାଙ୍କ ସେବକ ଆମିର୍ ବିନ୍ ଫୁହେରାଃ ଆରୋହଣ କଲେ । ଯାତ୍ରା ନିମନ୍ତେ ବାହାରିବା ସମୟରେ ମହାଭାଗ ସ:ଆ:ସ ମକ୍କା ଆଡ଼କୁ ଶେଷଥର ପାଇଁ ଆଖି ଘୁରାଇ ଚାହିଁଲେ ଓ ଅତ୍ୟନ୍ତ ଦୁଃଖପୂର୍ଣ୍ଣ କଣ୍ଠରେ କହିଲେ:- ହେ ମକ୍କାର ବସ୍ତି ! ତୁ ମତେ ସବୁ ସ୍ଥାନଠାରୁ ଅଧିକ ପ୍ରୀୟ କିନ୍ତୁ ତୋର ଅଧିବାସୀମାନେ ମତେ ଏଠାରେ ରହିବାକୁ ଦେଉନାହାନ୍ତି । ସେତେବେଳେ ହଜରତ ଅବୁ ବକର ର:ଅ କହିଲେ:- **ଏହି ଲୋକମାନେ ନିଜ ଅବତାରଙ୍କୁ ବିତାଡ଼ିତ କଲେ । ବର୍ତ୍ତମାନ ଏମାନେ ନିଷ୍ଚିତ ରୂପେ ଧ୍ୱଂସ ହୋଇଯିବେ"** । ***(ସିରତ୍ ଖାତ୍‌ମୁନ୍ ନବୀୟିନ୍ ସ:ଆ:ସ, ପୃ-୨୪୦)***

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଉଲ୍ଲେଖ କରିଛନ୍ତି ଯେ "ସେହି ଗୁମ୍ଫା ଭିତରେ ଦୁଇ ଦିନ ଅପେକ୍ଷା କରିବା ପରେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଯୋଜନା ମୁତାବକ ରାତି ସମୟରେ ଗୁମ୍ଫା ନିକଟରେ ବାହନଗୁଡ଼ିକ ପହଂଚାଇ ଦିଆଗଲା ଏବଂ ଦୁଇଟି କ୍ଷିପ୍ର ଗତିରେ ଚାଲୁଥିବା ଓଟ ଉପରେ ମୁହମ୍ମଦ ସ:ଆ:ସ ଓ ତାଙ୍କ ସାଥି ଆରୋହଣ କରି ଯାତ୍ରା ଆରମ୍ଭ କଲେ । ଗୋଟିଏ ଓଟ ଉପରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଓ ରାସ୍ତା ଦେଖାଇବା ପାଇଁ ଯେଉଁ ଲୋକ ଥିଲା, ସେ ଆରୋହଣ କଲେ ।" ଏହା ବି ଗୋଟିଏ ରିୱାୟତ୍‌ରେ ଆସିଛି ଯେ ଦୁଇଜଣଯାକ ଗୋଟିଏ ଓ ଉପରେ ଆରୋହଣ କରିଥିଲେ । ଆଉ ଏକ ରିୱାୟତ୍‌ରେ ଆସିଛି ଯେ ତିନୋଟି ଓଟ ଥିଲେ । ସେ ଯାହା ବି ହେଉ "ଦ୍ୱିତୀୟ ଓଟରେ ହଜରତ ଅବୁ ବକର ର:ଅ ଓ ତାଙ୍କ ସେବକ ଆମିର୍ ବିନ୍ ଫୁହେରାଃ ଆରୋହଣ କଲେ । ମଦିନା ଆଡ଼କୁ ବାହାରିବା ପୂର୍ବରୁ ରସୁଲେ୍ କରିମ୍ ସ:ଆ:ସ ନିଜର ମୁହଁକୁ ମକ୍କା ଆଡ଼କୁ କରିଲେ ଅର୍ଥାତ ମକ୍କା ଆଡ଼କୁ ଚାହିଁଲେ । ସେହି ପବିତ୍ର ସହର ଯେଉଁଠାରେ ଆପଣ ସ:ଆ:ସଙ୍କୁ ଅବତାରତ୍ୱ ପ୍ରାପ୍ତ ହୋଇଥିଲା ଏବଂ ଯେଉଁଠି ହଜରତ ଇସ୍‌ମାଇଲ୍ ଆ:ସଙ୍କ ଯୁଗରୁ ଆପଣଙ୍କ ପିତୃପୁରୁଷ ରହି ଆସୁଥିଲେ, ସେହି ପବିତ୍ର ସ୍ଥାନ ଆଡ଼କୁ ଶେଷ ଥର ପାଇଁ ଆଖି ପୁରାଇ ବହୁତ ଦୁଃଖର ସହିତ ସେହି ସହରକୁ ସମ୍ବୋଧନ କରି କହିଲେ: ହେ ମକ୍କାର ବସ୍ତି ! ତୁ ମତେ ସବୁ ସ୍ଥାନ ଅପେକ୍ଷା ଅଧିକ ପ୍ରୀୟ କିନ୍ତୁ ତୋ ଲୋକମାନେ ମତେ ଏଠାରେ ରହିବାକୁ ଦେଉନାହାନ୍ତି । ସେ ସମୟରେ ହଜରତ ଅବୁ ବକର ର:ଅ ବି ବହୁତ ଦୁଃଖର ସହିତ କହିଲେ:- ସେହି ଲୋକମାନେ ନିଜର ନବୀଙ୍କୁ ବାହାର କରିଦେଇଛନ୍ତି । ଏବେ ଏମାନେ ନିଶ୍ଚୟ ଶେଷ ହୋଇଯିବେ ।"

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୨୨୩-୨୨୪) (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍ ....... ବେରୁତ ୨୦୦୧)***

ଆଉ ଏକ ରିୱାୟତ୍ ମୁତାବକ ଯେତେବେଳେ ହଜୁର ସ:ଆ:ସ ମକ୍କା ଠାରୁ ୮୨ ମିଲ୍ ଦୂରତାରେ ଅବସ୍ଥିତ ଜୁହ୍‌ଫା ସ୍ଥାନରେ ପହଂଚିଲେ, ଆପଣ ସ:ଆ:ସଙ୍କ ଉପରେ ଏହି ଐଶୀବାଣୀ ଅବତୀର୍ଣ୍ଣ ହେଲା, ଇନ୍ନଲ୍ ଲଜି ଫରଜା ଅଲୈକଲ୍ କୁରଆନା ଲରାଦ୍ଦୁକା ଇଲା ମାଆଦ୍ (ଅଲ୍‌କସସ୍:୮୬) ଅର୍ଥାତ ସେ ଯେ ତୁମ ପାଇଁ କୁରଆନ୍‌କୁ ଧର୍ମବିଧାନ ରୂପେ ଅବତୀର୍ଣ୍ଣ କଲେ । ସେ ସୁନିଶ୍ଚିତ ରୂପେ ତୁମକୁ ସେହି ସ୍ଥାନକୁ, ଯେଉଁଠୁ ତୁମ୍ଭେ ଯାଉଅଛି (ଅର୍ଥାତ ମକ୍କାକୁ) ଫେରାଇ ଆଣିବେ ।

***(ମୁହମ୍ମଦ ରସୁଲୁଲ୍ଲାଃ ୱ୍ଜ୍ ଜୈନ୍ ମାଆହୁ ଅଜ୍ ଅବ୍‌ଦୁଲ୍ ହମିଦ୍ ... ଖଣ୍ଡ-୩, ପୃ-୬୪ ମୁଦ୍ରଣ ମିସର) (ଶରହ୍ ଜର୍‌କାନୀ ଅଲା ମୁୱା ହିବୁଦ୍ ଦୁନ୍ୟା, ଖଣ୍ଡ-୨, ପୃ-୧୭୨..... ବେରୁତ)***

ସମ୍ପୂର୍ଣ୍ଣ ରାତ୍ର ଏହି ଯାତ୍ରା ଅବ୍ୟାହତ ରହିଲା । ଏପରିକି ଯେତେବେଳେ ସୂର୍ଯ୍ୟ ମୁଣ୍ଡ ଉପରେ ପହଂଚିଗଲା ଅର୍ଥାତ ମଧାହ୍ନ ସମୟରେ ଯାଇ ଏହି ପ୍ରବାସ ଦଳଟି ଏକ ଚଟାଣ ଛାଇରେ ନିଜ କ୍ଲାନ୍ତ ଦୂର କରିବା ସକାଶେ ନିଜ ବାହନରୁ ଓହ୍ଲାଇଲେ । ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ପାଇଁ ଶେଯ ପାରି ଆପଣ ସ:ଆ:ସଙ୍କୁ ବିଶ୍ରାମ କରିବାକୁ ନିବେଦନ କଲେ । ଅତଏବ ହଜୁର ସ:ଆ:ସ ଶୋଇଗଲେ । ଅର୍ଥାତ ନିର୍ଦ୍ୱନ୍ଦରେ ତାହା ସ୍ୱୀକାର କରି ନେଲେ । ସେଥିଅନ୍ତେ ହଜରତ ଅବୁବକର ର:ଅ ବାହାରକୁ ବାହାରି ଏହା ସୁନିଶ୍ଚିତ କରିବାକୁ ଚାହିଁଲେ, ଯେ କେହି ସେମାନଙ୍କ ପଛରେ ଅନୁଧାବନ ତ କରୁନାହାନ୍ତି ? ଏତିକି ବେଳେ ଦୂରରୁ ଜଣେ ପଶୁ ଚରାଳି (ଜଗୁଆଳୀ) ଛାଇ ପାଇବା ଆଶାରେ ସେଠାରେ ଆସି ପହଂଚିଗଲା । ହଜରତ ଅବୁ ବକର ର:ଅ କହୁଛନ୍ତି ଯେ ମୁଁ ତାକୁ ପଚାରିଲି ହେ ପୁଅ ତୁମେ କାହାର ଗୁଲାମ୍ (ଅର୍ଥାତ କ୍ରୀତଦାସ) ? ସେ କହିଲା କୁରୈଶ୍‌ର ଜଣେ ଲୋକର ମୁଁ ଗୁଲାମ୍ ଅଟେ । ସେ ତା ନାମ ଧରିଲା ମାତ୍ରକେ ମୁଁ ତାକୁ (ଅର୍ଥାତ ତା' ମାଲିକକୁ) ଚିହ୍ନିନେଲି । ପୁଣି ମୁଁ ତାକୁ ପଚାରିଲି ଯେ କଣ ତୁମ ଛେଳୀମାନେ ଖିର ଦେଉଛନ୍ତି ? ସେ କହିଲା ହଁ । ପୁଣି ମୁଁ ତାକୁ କହିଲି କ'ଣ ତୁମେ ଆମ ପାଇଁ କିଛି କ୍ଷୀର ଦୁହିଁ ଦେବ କି ? ସେ ଉତର ଦେଲେ ହଁ । ଅତଏବ୍ ମୁଁ ତାକୁ କ୍ଷୀର ଦୁହିଁବା ପାଇଁ କହିଲି । ସେ ନିଜ ଛେଳୀମାନଙ୍କ ମଧ୍ୟରୁ ଗୋଟିଏ ଛେଳୀର ଗୋଡ଼କୁ ନଳୀଗୋଡ଼ ଓ ଜଙ୍ଘ ମଧ୍ୟରେ ଧରିଲେ । ପୁଣି ମୁଁ ତାଙ୍କୁ କହିଲି; ପ୍ରଥମେ ପଶୁର ସ୍ତନକୁ ଭଲ ଭାବରେ ପରିଷ୍କାର କରିଦିଅ । ସେଥିଅନ୍ତେ ହଜରତ ଅବୁ ବକର୍ ର:ଅ ନିଜ ତତ୍ୱାବଧାନରେ କ୍ଷୀର ଦୁହାଁଇଲେ ଏବଂ ସେଥିରେ କିଛି ଜଳ ମିଶ୍ରିତ କଲେ ଯଦ୍ୱାରା ତାହା ସେବନ କରିବା ଉପଯୋଗୀ ହୋଇଯିବ କିଛି ରିୱାୟତ୍‌ରେ ଆସିଛି ଯେ ଯେବେ ହଜରତ ଅବୁ ବକର ର:ଅ କ୍ଷୀର ଧରି ଆଁ ହଜରତ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ, ସେତେବେଳ ପର୍ଯ୍ୟନ୍ତ ନବୀ କରିମ୍ ସ:ଆ:ସ ଶୋଇ ରହିଥିଲେ । ତେଣୁ ହଜରତ ଅବୁ ବକର ର:ଅ ଉଚିତ ମଣିଲେ ନାହିଁ ଯେ ମହାଭାଗ ସ:ଆ:ସଙ୍କ ଆରାମ୍‌ରେ କୌଣସି ପ୍ରକାରର ବାଧା ସୃଷ୍ଟି ହେଉ । ସୁତରାଂ ମହାଭାଗ ସ:ଆ:ସଙ୍କ ଜାଗ୍ରତ ହେବା ପର୍ଯ୍ୟନ୍ତ ହଜରତ ଅବୁ ବକର ର:ଅଙ୍କୁ ଅପେକ୍ଷା କରିବାକୁ ପଡ଼ିଲା । ଜାଗ୍ରତ ହେବା ପରେ କ୍ଷୀର ପେଶ୍ କଲେ ଓ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ କ୍ଷୀର ପାନ କରନ୍ତୁ । ଅତଏବ୍ ହଜୁର ସ:ଆ:ସ ଏତେ ମାତ୍ରାରେ କ୍ଷୀର ପାନ କଲେ ଯେ ହଜରତ ଅବୁବକର ର:ଅ କୁହନ୍ତି; ଏଥିରେ ମୁଁ ବହୁତ ଆନନ୍ଦିତ ହେଲି । ପୁଣି ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏଠାରୁ ପ୍ରସ୍ଥାନ କରିବାର ସମୟ ହୋଇଗଲାଣି । ଏଥିରେ ମହାଭାଗ ସ:ଆ:ସ କହିଲେ ହଁ । ଆଉ ଏକ ରିୱାୟତ୍‌ରେ ଏପରି ଆସିଛି ଯେ ନବୀ କରିମ୍ ସ:ଆ:ସ କହିଲେ:- ଏବେ ଯାତ୍ରା ପୂନର୍ବାର ଆରମ୍ଭ କରିବା କି ? ମହାଭାଗ ହଜରତ ଅବୁ ବକର ର:ଅଙ୍କୁ କୁହାଗଲା ହଁ ମୋର ମୁନୀବ । ଅତଏବ ପୁଣି ଯାତ୍ରା ଆରମ୍ଭ ହେଲା ।

***(ସହି ବୁଖାରୀ କିତାବୁଲ୍ ଫଜାଇଲ୍... ହଦିସ୍ ନଂ-୩୬୫୨) (ସୁବୁଲୁଲ ହୁଦା..... ଖଣ୍ଡ-୩, ପୃ-୨୪୩-୨୪୪...... ବେରୁତ ୧୯୯୩)***

ସୁରାକା ବିନ୍ ମାଲିକ୍‌ର ଅନୁଧାବନ କରିବା ଘଟଣା ଏମିତି ରହିଛି ଯେ ଉରେକିତ ପରି ଜଣେ ସୁଦକ୍ଷ ମାର୍ଗୀର ତତ୍ୱାବଧାନରେ ଉପକୂଳବର୍ତୀ ବସ୍ତି ମାର୍ଗରେ ମଦିନା ଅଭିମୁଖେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ତାହା ମଦିନାର ସର୍ବସାଧାରଣ ରାସ୍ତାଠାରୁ ଅଲଗା ରୁଟ୍ ଦେଇ ଯାଉଥିଲା । ମକ୍କା ଏବଂ ତାହାର ଆଖପାଖର ଗାଁ ଗଣ୍ଡାରେ ଶହେ ଓଟର ପୁରସ୍କାର ମିଳିବ ବୋଲି ଘୋଷଣା ହୋଇଯାଇଥିଲା ଏବଂ ବହୁତ ଲୋକ ଚାହୁଁଥିଲେ ଯେ ଏପରି ବଡ଼ ପୁରସ୍କାର ତାଙ୍କୁ ମିଳିଯାଉ । ଅତଏବ

ପୁରସ୍କାର ପାଇବା ଲୋଭରେ ହଜୁର ସ:ଆ:ସଙ୍କ ପଛରେ ସୁରାକା ବିନ୍ ମାଲିକ୍ ନାମ ଜଣେ ବ୍ୟକ୍ତି ମଧ୍ୟ ବାହାରି ଥିଲା । ଯେ ପରବର୍ତୀ ସମୟରେ ମୁସଲମାନ ହୋଇଯାଇଥିଲେ । ଇସ୍‌ଲାମ୍ ଗ୍ରହଣ କରିବା ପରେ ସେ ସ୍ୱୟଂ ଏହି ଘଟଣାର ବ୍ୟାଖ୍ୟା କରି କୁହନ୍ତି; ଆମ ନିକଟକୁ କୁରୈଶ୍‌ର ପତ୍ରବାହକ/ ଡ଼ାକିଆ ଆସିଲା । ସେମାନେ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜରତ ଅବୁ ବକର ର:ଅଙ୍କ ପାଇଁ ପୁରସ୍କାର ଧାର୍ଯ୍ୟ କରିଥିଲେ । ଅର୍ଥାତ ଯିଏ ଏହି ଦୁଇଜଣଙ୍କୁ ହତ୍ୟା କରିଦେବ ତଥା ଜୀବିତ ଧରି ଦେବ । ତାଙ୍କୁ ସେହି ପୁରସ୍କାର ମିଳିବ ।

ସୁରାକା କହିଲେ ମୁଁ ମୋ କୌମ୍ (ସମ୍ପ୍ରଦାୟ/ଗୋଷ୍ଠୀ) ବନୁ ମୁଦ୍‌ଲିଜ୍‌ର ଗୋଟିଏ ମଜ୍‌ଲିସ୍‌ରେ ବସିଥିଲି ଯେ ଜଣେ ଲୋକ ଆସି ପହଂଚିଲା ଓ ଆମ ସମ୍ମୁଖରେ ଆସି ଛିଡ଼ା ହୋଇଗଲା । ପୁଣି ସେ କହିଲା ହେ ସୁରାକା ! ମୁଁ ସମୁଦ୍ର କୂଳେ କୂଳେ କିଛି ଛାଇ ପରିକା ଦେଖିଛି ବା ଏହା କହିଲା ଯେ ତିନିଜଣ ବିଶିଷ୍ଟ ଗୋଟିଏ କାଫିଲା (Carvan) ସେହି ରାସ୍ତା ଦେଇ ଯିବାର ଦେଖିଛି ଓ ମୁଁ ଭାବୁଛି ଯେ କିଏ ହୁଅନ୍ତୁ ବା ନ ହୁଅନ୍ତୁ ଇଏ ମୁହମ୍ମଦ ସ:ଆ:ସ ହିଁ ଥିଲେ । ସୁରାକା ବିନ୍ ମାଲିକ କହିଲେ ଯେ:- ମୁଁ ଜାଣିଗଲି ଯେ ବାସ୍ତବିକ ତାହା ମୁହମ୍ମଦ ସ:ଆ:ସଙ୍କ କାଫିଲା ଅଟେ । କିନ୍ତୁ ମୁଁ ଏହା ଚାହୁଁନଥିଲି ଯେ ଆଉ କିଏ ମୋ ସହିତ ଏହି ପୁରସ୍କାର ପାଇବା ପାଇଁ ସାମିଲ ହେଉ । ସୁତରାଂ ମୁଁ ତତ୍‌କ୍ଷଣାତ୍ ଘଟଣାକୁ ବୁଝିଗଲି ଓ ସେହି ଖବରଦାତାକୁ ଆଖି ଦ୍ୱାରା ଇସାରା କରିଦେଲି ଯେ ଚୁପ୍ ହୋଇଯାଉ । ପୁଣି ମୁଁ ନିଜେ କହିବାକୁ ଲାଗିଲି ଯେ ନା ନା ତାହା ମୁହମ୍ମଦ (ସ:ଆ:ସ)ଙ୍କ କାଫିଲା ହୋଇନପାରେ ବରଂ ଯେଉଁ ଲୋକମାନଙ୍କ କଥା ତୁମେ କହୁଅଛ, ସେମାନେ ତ ଏବେ ଆମ ସାମନାରେ ହିଁ ଯାଇଛନ୍ତି । ସେ ବନୁ ଫୁଲାନାର ଲୋକ ଥିଲେ, ଯେଉଁମାନେ ନିଜ ଓଟକୁ ଖୋଜୁଥିଲେ । ସୁରାକା ପୁଣି କହୁଛନ୍ତି:-

ମୁଁ କିଛି ସମୟ ସେହି ମଜ୍‌ଲିସ୍‌ରେ ବସି ରହିଲି ଯଦ୍ୱାରା କାହାକୁ ସନ୍ଦେହ ହେବନାହିଁ । ପୁଣି ମୁଁ ମୋର ଜଣେ ସେବିକାକୁ କହିଲି ଯେ ସେ ମୋର ଅମୁକ ଘୋଡ଼ା ଯିଏ ବହୁତ କ୍ଷୀପ୍ର ଗତିରେ ଦଉଡ଼େ, ତାକୁ ନେଇ ଘର ପଛପଟେ ଅମୁକ ସ୍ଥାନରେ ଛିଡ଼ା ହୋଇଥାଅ ଓ ମତେ ଅପେକ୍ଷା କର । କିଛି ସମୟ ପରେ ସେ ନିଜେ ସେଠାରେ ପହଂଚିଗଲା । ପୁଣି ସୁରାକା କହିଲେ ଯେ ମୁଁ ବାରମ୍ବାର ହଜୁର ସ:ଆ:ସଙ୍କ ସନ୍ଧାନରେ ନିଜ ଭାଗ୍ୟ ପରୀକ୍ଷା କରି ଗୁଳା ପକାଉଥିଲି କିନ୍ତୁ ଏହି ଯାତ୍ରା ବିରୁଦ୍ଧରେ ମୋ ଗୁଳା ବାହାରୁଥିଲା । ଏହା ସତ୍ୱେ ମଧ୍ୟ ମୁଁ କିଛି ପରବାଏ ନ କରି ଘୋଡ଼ାକୁ କ୍ଷୀପ୍ର ଗତିରେ ଦଉଡ଼ାଇ ସେହି କାଫିଲାର ଅନୁଧାବନ କରିବାକୁ ଲାଗିଲି । ପୁଣି ସୁରାକା କହୁଛନ୍ତି;- ମୁଁ ମାଇଲ୍ ପରେ ମାଇଲ୍ ରାସ୍ତା ଅତିକ୍ରମ କରି ବହୁତ ଶୀଘ୍ର ସେହି କାଫିଲା ନିକଟରେ ପହଂଚିଗଲି । ଏବେ କିଛି ଦୂରତାରେ ଥିଲି ଯେ ମୋ ଘୋଡ଼ିଟି ଝୁଂଟି ପଡ଼ିଗଲା । ପୁଣି ମୁଁ ଛିଡ଼ା ହେଲି ଓ ପୁଣି ଫାଲ୍ (ଅର୍ଥାତ ଏପରି ଏକ ଗୁଳା, ଯାହାକୁ ଶୁଭ ମନେ କରାଯାଏ ଯେ ଯଦି ଏପରି ଗୁଳା ଉଠେ ତା'ହେଲେ ଏହି କାମ ଆମ ପାଇଁ ଶୁଭ ହେବ) କଲି କିନ୍ତୁ ତାକୁ ପୁଣି ମୋ ଉଦ୍ଦେଶ୍ୟ ବିପରୀତ ବାହାରିଲା । କିନ୍ତୁ ମୁଁ ଚାହୁଁଥିଲି ଯେ ମୁହମ୍ମଦ ସ:ଆ:ସଙ୍କୁ ଧରି ଏଠାରୁ ଫେରିବି ଏବଂ ଶହେ ଓଟର ପୁରସ୍କାର ହାସଲ କରିବି । ପୁଣି ମୁଁ ଉଠି ଘୋଡ଼ି ଉପରେ ଚଢ଼ି ତାଙ୍କ ପଛରେ ଅନୁଧାବନ କଲି । ଏବେ ମୁଁ ଏତେ ନିକଟରେ ପହଂଚି ସାରିଥିଲି ଯେ ନା କେବଳ ମୁଁ ଚିହ୍ନିପାରୁଥିଲି ଯେ ଏମାନେ ମୁହମ୍ମଦ ସ:ଆ:ସ ଓ ହଜରତ ଅବୁ ବକର ର:ଅ ଅଟନ୍ତି ବରଂ ମତେ ମୁହମ୍ମଦ ସ:ଆ:ସ କିଛି ପାଠ କରୁଥିବାର ବି ଶୁଭୁଥିଲା ଯେ ଠିକ୍ ଏତିକି ବେଳକୁ ମୋ ଘୋଡ଼ି ଭୟଙ୍କର ଭାବରେ ଝୁଂଟି ପଡ଼ିଲା ଓ ତା'ର ଗୋଡ଼ ବାଲି ଭିତରେ ପଶିଗଲା ଫଳତଃ ମୁଁ ମଧ ପଡ଼ିଗଲି । ତା'ପରେ ମୁଁ ଘୋଡ଼ିକୁ ପାଟି କଲି ଓ ଛିଡ଼ା ହେଲି ଅର୍ଥାତ ସେ ଘୋଡ଼ିକୁ ଏଣୁ ତେଣୁ କହିଲେ । ଘୋଡ଼ିଟି ବାଲି ଭିତରୁ ନିଜ ଗୋଡ଼କୁ ବାହାର କରିପାରୁନଥିଲା । ଶେଷରେ ଯେତେବେଳେ ସେ ସଳଖ ଓ ଛିଡ଼ା ହେଲା ସେତେବେଳେ ତା ଦୁଇଗୋଡ଼ରୁ ଧୂଳି ଏତେମାତ୍ରାରେ ବିଚ୍ଛୁରିତ ହୋଇଗଲା ଯେ ତାହା ଧୂଆଁ ସଦୃଶ ବ୍ୟାପିଥିଲା । ଏତେମାତ୍ରାରେ ଗୋଡ଼ ବାଲି ଭିତରେ ପଶିଯାଇଥିଲା ଯେ ଗୋଡ଼ ବାହାରିବା ମାତ୍ରେ ଧୂଳି ବହୁମାତ୍ରାରେ ଉଡ଼ିଲା । ସେ କହିଲେ:- ତା'ପରେ ମୁଁ ପୂନର୍ବାର ତୀର ସାହାଯ୍ୟରେ ଫାଲ୍ (ଶୁଭ ଓ ଅଶୁଭ) ର ଗୁଳା ବାହାର କଲି । ପୁଣି ଅଶୁଭ ବାହାରିଲା ଓ ମୁଁ ଏହା ଚାହୁଁନଥିଲି । ମୁଁ ସେହିଠାରୁ ଅମାନ୍ (ଅର୍ଥାତ ସୁରକ୍ଷା ପାଇବାର) ଡ଼ାକ ଛାଡ଼ିଲି ଓ ସେମାନଙ୍କୁ କହିଲି ଯେ ମୋ ତରଫରୁ ଆପଣମାନଙ୍କୁ କୌଣସି କ୍ଷତି ପହଂଚିବ ନାହିଁ । ଏହା ଶୁଣି ରସୁଲେ୍ କରିମ୍ ସ:ଆ:ସ ହଜରତ ଅବୁ ବକର ର:ଅଙ୍କୁ କହିଲେ ଯେ ତାକୁ ପଚାର ସେ କଣ ଚାହୁଁଛି ? ମୁଁ କହିଲି ମୁଁ ହେଉଛି ସୁରାକା ଓ ଆପଣଙ୍କ ସହିତ କଥା ହେବା ପାଇଁ ଚାହୁଁଛି । ଏହା ଶୁଣି ସେମାନେ ରହିଗଲେ । ସୁରାକା କହିଲେ ଯେ ମକ୍କାର ଲୋକମାନେ ଆପଣମାନଙ୍କୁ ଜୀବିତ ତଥା ମୃତ ଧରି ଆଣିବା ପାଇଁ ଶହେ ଓଟ ପୁରସ୍କାର ଦେବା ପାଇଁ ଘୋଷଣା କରିଛନ୍ତି । ତେଣୁ ମୁଁ ସେହି ଲୋଭରେ ଆପଣଙ୍କୁ ଧରିବା ପାଇଁ ଆପଣଙ୍କ ପଛେ ପଛେ ଧାଇଁ ଆସିଛି କିନ୍ତୁ ଯାହା କିଛି ମୋ ସହିତ ଘଟୁଅଛି, ତାହା ଦ୍ୱାରା ମତେ ବିଶ୍ୱାସ ହୋଇଗଲାଣି ଯେ ଆପଣଙ୍କ ପଛରେ ମୋର ଅନୁଧାବନ / ପିଛା କରିବା ଠିକ୍ ନୁହେଁ । ପୁଣି ସୁରାକା ନବୀ କରିମ୍ ସ:ଆ:ସଙ୍କ ସେବାରେ ଖାଦ୍ୟ ପଦାର୍ଥ ଇତ୍ୟାଦି ଜିନିଷ ପେଶ୍ କରିବା ପାଇଁ ନିବେଦନ କଲା କିନ୍ତୁ ମହାଭାଗ ସ:ଆ:ସ ତାହା ଗ୍ରହଣ କଲେନାହିଁ । କେବଳ ଏତିକି କହିଲେ ଯେ ଆମ ବିଷୟରେ କାହାକୁ କିଛି ବତାଇବ ନାହିଁ । ସେ ଏହାର ପ୍ରତିଶୃତି/ପ୍ରତିଜ୍ଞା କଲା ପୁଣି ନିବେଦନ କଲା ଯେ ମୋର ଏ ଦୃଢ଼ ବିଶ୍ୱାସ ଅଛି ଯେ ଆପଣ (ଅର୍ଥାତ ନବୀ କରିମ୍ ସ:ଆ:ସ) ଦିନେ ନା ଦିନେ ସମ୍ରାଟ ହେବେ ତେଣୁ ମୋ ପାଇଁ କୌଣସି ଏକ ଚୁକ୍ତି ପତ୍ର ଲେଖି ଦିଅନ୍ତୁ ଯେ ସେତେବେଳେ ମୁଁ ଆପଣଙ୍କ ନିକଟରେ ଯେବେ ଉପସ୍ଥିତ ହେବି, ମୋ ସହିତ ସମ୍ମାନ ଓ ଆଦର ବ୍ୟବହାର କରାଯିବ । ଆଉ କେତେକ ରିୱାୟତ୍ ମୁତାବକ ସେ ଅମାନ୍ (ଆସନ୍ତାକୁ ସୁରକ୍ଷିତ) ରହିବାର ଏକ ଲୋଖା ଲେଖି ଦେବାପାଇଁ ଅନୁରୋଧ କରିଥିଲା । ଅତଏବ ନବୀ କରିମ୍ ସ:ଆ:ସଙ୍କ ଆଦେଶ ମୁତାବକ ତାକୁ ସେହି ଲେଖା ହଜରତ ଅବୁ ବକର ର:ଅ ଲେଖି ଦେଇଥିଲେ । ଆଉ ଏକ ରିୱାୟତ୍‌ରେ ଆସିଛି ଯେ ସେହି ଲେଖା ଆମିର୍ ବିନ୍ ଫୁହୈରାଃ ତାକୁ ଲେଖି ଦେଇଥିଲେ । ସେ ସେଠାରୁ ସେହି ଲେଖାକୁ ସାଙ୍ଗରେ ଧରି ଫେରିଯାଇଥିଲା । ***(ସହି ବୁଖାରୀ କିତାବୁଲ୍ ମନାକିବ୍...... ରିୱାୟତ୍ ନଂ- ୩୯୦୬) (ସୁବୁଲୁଲ୍ ହୁଦା ୱର ରଶାଦ୍, ଖଣ୍ଡ-୩, ପୃ-୨୪୮, କିସ୍‌ସତୁ ସୁରାକାଃ........ ବେରୁତ ୧୯୯୩) (ମୁହମ୍ମଦ ରସୁଲୁଲ୍ଲାଃ ୱଲ୍‌ଜିନ୍ ମାଆହୁ, ଖଣ୍ଡ-୩, ପୃ-୬୪-୬୫ ମୁଦ୍ରିତ ମିସର୍)***

ଏହି ପରିପ୍ରେକ୍ଷୀରେ ଅଧିକ ଚର୍ଚ୍ଚା ଇନ୍‌ଶା ଅଲ୍ଲାଃ ଆସନ୍ତାରେ ହେବ । ଆସନ୍ତା କାଲିଠାରୁ ଇନ୍‌ଶାଅଲ୍ଲାଃ ନୂଆ ବର୍ଷ ଆରମ୍ଭ ହେବାକୁ ଯାଉଛି ।

ଅଲ୍ଲାଃ ତାଲା ଆସନ୍ତା ବର୍ଷଟିକୁ ଜମାତ୍‌ର ସଦସ୍ୟମାନଙ୍କ ପାଇଁ, ମୋଟା ମୋଟି ଭାବରେ ଆମ ଜମାତ୍ ପାଇଁ ପ୍ରତିକ୍ଷେତ୍ରରୁ ମଙ୍ଗଳ ମୟ କରନ୍ତୁ । ପ୍ରତ୍ୟେକ ପ୍ରକାରର ଅସୁବିଧାରୁ ଆମ ଜମାତ୍‌କୁ ସୁରକ୍ଷିତ ରଖନ୍ତୁ । ଶତ୍ରୁମାନଙ୍କର ସମସ୍ତ କୁଯୋଜନାକୁ, ଯାହା ସେମାନେ ଆମ ଜମାତ୍ ବିରୁଦ୍ଧରେ କରୁଛନ୍ତି, ସେହି ସମସ୍ତ ଯୋଜନାକୁ ମାଟିରେ ମିଶାଇ ଦିଅନ୍ତୁ । ହଜରତ ମସିହ୍ ମଉଦ୍ ଆ:ସଙ୍କ ସହିତ ଅଲ୍ଲାଃ ତାଲା ଯେଉଁ ପ୍ରତିଶୃତି ଦେଇଛନ୍ତି, ସେ ସବୁକୁ ଆମେ ଆମ ଜୀବଦଶାରେ ହିଁ ଦେଖି ପାରିବା । ଆମକୁ ଅଲ୍ଲାଃ ଏହି ଦୃଶ୍ୟ ସବୁ ଦେଖାନ୍ତୁ । ଅତଏବ୍ ବହୁତ ଦୁଆ (ପ୍ରାର୍ଥନା) କରନ୍ତୁ । ସେଥିଅନ୍ତେ ହଜୁର ଅନୱର ଅ:ବ:ଅ କହିଲେ; ନୂତନ ବର୍ଷର ସୁଭାରମ୍ଭରେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଅହେମଦୀମାନେ ଦୁଆ, ନୱାଫିଲ୍ ଓ ବ୍ୟକ୍ତିଗତ ତଥା ସାମୂହିକ ତହଜୁଦ୍ ପାଠ କରିବାର ଆୟୋଜନ କରନ୍ତୁ । କିଛି ମସ୍‌ଜିଦ୍‌ରେ ଏପରି କରାଯାଉଅଛି । ବାକି ଯେଉଁ ସ୍ଥଳେ ମସ୍‌ଜିଦ୍ ନାହିଁ, ସେଠାରେ ବି ତହଜ୍ଜୁଦ୍ ଇତ୍ୟାଦି ନମାଜ ବିଶେଷ ଭାବରେ ପଢ଼ିବା ଉଚିତ । ଯଦି ସାମୁହିକ ଭାବରେ ସୁଯୋଗ ମିଳୁନାହିଁ ତା'ହେଲେ ବ୍ୟକ୍ତିଗତ ଭାବରେ ମଧ ଓ ଘରମାନଙ୍କର ବି ତହଜ୍ଜୁଦ୍ ନମାଜ ବିଶେଷ ଭାବରେ ପଢ଼ିବା ଉଚିତ । ଦୁଆ କରିବା ଉଚିତ । ପ୍ରଥମତଃ ଏପରି ଅଭ୍ୟାସକୁ ସ୍ଥାୟୀ ଅଭ୍ୟାସରେ ପରିଣତ କରିବା ଉଚିତ କିନ୍ତୁ ଆସନ୍ତା କାଲିଠାରୁ ବା ଆଜି ରାତିରୁ ଯାହା ପଢ଼ିବେ, ତାହାକୁ ଏପରି ପଢ଼ିବା ପାଇଁ ଚେଷ୍ଟା କରନ୍ତୁ ଯେ ତାହା ଜୀବନର ଅଂଶ ବିଶେଷ ହୋଇଯାଉ । ଅଲ୍ଲାଃ ତାଲା ଆମକୁ ଏପରି କରିବା ପାଇଁ ଶକ୍ତି ଦିଅନ୍ତୁ ।

ପୁଣି ଏପରି କରିବା ସହିତ ଦରୁଦ୍ ଶରିଫ୍, କ୍ଷମା ଯାଚନା ଏବଂ ନିମ୍ନ ଦୁଆ ଆବୃତି କରିବେ । ରବ୍‌ବନା ଲାତୁଯିଗ୍ କୁଲୁବନା ବାଦା ଇଜ୍ ହଦୈତନା ୱହବ୍‌ଲନା ମିଲ୍ ଲଦୁନ୍‌କା ରହ୍‌ମତନ୍ ଇନ୍ନକା ଅନ୍‌ତଲ୍ ୱହାବ୍ **(ଆଲେ ଇମ୍‌ରାନ୍:୯)** ଅର୍ଥାତ ହେ ଆମମାନଙ୍କ ପାଳନ କର୍ତା ! ତୁମ୍ଭେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟିଳ କର ନାହିଁ ଏବଂ ତୁମ୍ଭ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର; ବାସ୍ତବରେ ତୁମ୍ଭେ ହିଁ ମହାନ ଦାତା ।

ପୁଣି ଏ ଦୁଆ ମଧ ପଢ଼ନ୍ତୁ । ରବ୍‌ବନଗ୍ ଫିର୍‌ଲନା ଯୁନୁବନା ୱ ଇସ୍‌ରାଫନା ଫି ଅମ୍‌ରିନା ୱସବ୍‌ବିତ୍ ଅକ୍‌ଦାମନା ୱନ୍‌ସୁର୍‌ନା ଅଲଲ୍‌କୌମିଲ୍ କାଫିରିନ୍ । **(ଆଲେ ଇମ୍‌ରାନ୍:୧୪୮)** ଅର୍ଥାତ:- ହେ ଆମମାନଙ୍କର ପାଳନକର୍ତା ! ଆମମାନଙ୍କର ତ୍ରୁଟିଗୁଡ଼ିକୁ ଆମମାନଙ୍କର କର୍ତବ୍ୟରେ ସୀମାଲଘଂନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

ଖୁତ୍‌ବାର ପରିସମାପ୍ତିରେ ପ୍ରିୟ ହଜୁର ଅନୱର ଅ:ବ:ଅ ତିନି ଜଣ ମୃତକଙ୍କ ଉତମ ଚରିତ୍ର ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ପ୍ରଥମ ଜଣକ ହେଲେ ଶ୍ରୀମାନ ମଲକ୍ ଫାରୁକ୍ ଅହମଦ ଖୋଖର ସାହେବ ପୂର୍ବତନ ଅମିର ଜିଲା ମୁଲତାନ୍ ୧୮ ଡ଼ିସେମ୍ବର ଦିନ ୮୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କ ବାପା ମୋକରମ୍ ମଲକ ଉମର୍ ଅଲୀ ଖୋଖର୍ ସାହେବ୍ ଥିଲେ । ଯାହାଙ୍କୁ ରଇସ୍ ମୁଲ୍‌ତାନ୍ ଅର୍ଥାତ ମୁଲ୍‌ତାନ୍‌ର ରଇସ୍ କୁହାଯାଉଥିଲା । ତାଙ୍କ ମାଆଙ୍କ ନାମ ସୟଦାଃ ନୁସ୍‌ରତ୍ ଜାହାଁ ବେଗମ୍ ସାହିବା ଥିଲା । ସେ ସୟଦାଃ ବେଗମ୍ ନାମରେ ଜଣାଶୁଣା ଥିଲେ । ସେ ହଜରତ ମୀର୍ ମୁହମ୍ମଦ ଇସ୍‌ହାକ୍ ସାହେବ୍ ର:ଅଙ୍କ ସୁପୁତ୍ରୀ ଥିଲେ । ହଜରତ ମଲକ୍ ଉମର୍ ଅଲୀ ସାହେବ୍ ଯୌବନ ଅବସ୍ଥାରେ ଅହେମଦୀୟତ୍ ଗ୍ରହଣ କରିଥିଲେ । ହଜରତ ଖଲିଫା ସାନି (ଦ୍ୱିତୀୟ) ର:ଅଙ୍କ ଖିଲାଫତ୍ ସମୟରେ ସେ କାଦିଆନ୍‌ରେ ପହଂଚି ବୟତ କରିଥିଲେ । ମଲକ୍ ଉମର୍ ଅଲୀ ସାହେବ୍‌ଙ୍କର ଦେହାନ୍ତ ଶୀଘ୍ର ହୋଇଗଲା । ସେତେବେଳେ ମଲକ୍ ଫାରୁକ୍ ଅହ୍‌ମଦ୍ ସାହେବଙ୍କର ବୟସ ଊଣା ଅଧିକେ କୋଡ଼ିଏ ବାଇଶି ବର୍ଷ ହୋଇଥିଲା । ଯୁମକ ଥିଲେ । ମଲକ ସାହେବଙ୍କର ଜମିବାଡ଼ି ବ୍ୟତୀତ କରାଚିରେ କିଛି ବାଣିଜ୍ୟ କାରବାର ଥିଲା । ସେ ତାକୁ ବହୁତ ସୁନ୍ଦର ଭାବରେ ସମ୍ଭାଳି ନେଲେ ନିଜ ମାଆ, ତାଙ୍କର ଦୁଇଜଣ ମାଆ ଥିଲେ, ସେମାନଙ୍କର ତଥା ଭାଇ ଭଉଣୀମାନଙ୍କର ଲାଳନ ପାଳନ କଲେ ମଲକ ଫାରୁକ୍ ଖୋଖର୍ ସାହେବ୍ ବହୁ ସମୟ ଧରି କାଏଦ୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା । ଜିଲ୍ଲା ମୁଲ୍‌ତାନ୍ ଏବଂ କାଏଦ୍ ଇଲାକାଇ ମୁଲ୍‌ତାନ୍

ଭାବରେ ସେବା କାର୍ଯ୍ୟ କରିଛନ୍ତି । ୧୯୮୦ ମସିହାରୁ ୧୯୮୫ ପର୍ଯ୍ୟନ୍ତ ଜିଲ୍ଲା ଅମୀର୍ ମୁଲ୍‌ତାନ୍ ଭାବରେ ସେବା କରିଛନ୍ତି । ସେ ସମୟରେ ସେ ସହର୍ ମୁଲ୍‌ତାନ୍‌ର ଅମୀର୍ ଭାବରେ ବି ସେବା କରିବାର ସୌଭାଗ୍ୟ ପାଇଛନ୍ତି । ତାଙ୍କର ବିବାହ ୧୯୬୮ ମସିହାରେ ହଜରତ ମିର୍ଜା ଅଜିଜ୍ ଅହ୍‌ମଦ୍ ସାହେବ୍‌ଙ୍କ ଝିଅ ଦୁର୍‌ଦାନା ସାହିବାଙ୍କ ସହିତ ହୋଇଥିଲା । ହଜରତ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ) ତାଙ୍କ ନିକାହ୍ ପଢ଼ାଇଥିଲେ । ଅଲ୍ଲାଃ ତାଲା ତାଙ୍କୁ ଗୋଟିଏ ପୁଅ ଓ ପାଂଚଜଣ ଝିଅ ପ୍ରଦାନ କରିଛନ୍ତି ।

ତାଙ୍କ ପତ୍ନୀ ବର୍ଣ୍ଣନା କରିଛନ୍ତି ଯେ । ମଲକ୍ ସାହେବ୍ ବହୁତ ସ୍ନେହୀ ଓ ବହୁତ ଧ୍ୟାନ ରଖୁଥିବା ବ୍ୟକ୍ତି ଥିଲେ । ଛୋଟ ଛୋଟ କଥାର ବି ଧ୍ୟାନ ରଖୁଥିଲେ । ନିୟମିତ ତହଜ୍ଜୁଦ୍ ପାଠ କରନ୍ତି । ମତେ ବି ପ୍ରତ୍ୟେକ ଦିନ ତହଜ୍ଜୁଦ୍ ପଢ଼ିବା ପାଇଁ ଉଠାଉଥିଲେ । ଯେଉଁ ଦିନ ତାଙ୍କର ମୃତ୍ୟୁ ହେଲା, ସେହି ଦିନ ବି ସେ ନଫଲ୍ ନମାଜ ପଢ଼ିଛନ୍ତି । ନମାଜ ପଢ଼ି ଶୁଣି ଶୋଇ ପଡ଼ିଥିଲେ । ସବୁ ବେଳେ ଓ୍ୱଜୁ ଅବସ୍ଥାରେ ରହିବା ପାଇଁ ଚେଷ୍ଟା କରୁଥିଲେ । ସେ କୁହନ୍ତି:- ଯେବେ ସେ (ଅର୍ଥାତ ମଲକ୍ ଫାରୁକ୍ ସାହେବ୍) ଯେବେ ଅମୀର୍ ଜମାତ୍ ନଥିଲେ, ଯଦି କୌଣସି ଅହେମଦୀଙ୍କର କୌଣସି ସମସ୍ୟା ଥାଏ ଓ ସେ ଯଦି କୌଣସି ସମୟରେ ବି କୌଣସି କାମରେ ଆସିଯାଆନ୍ତି ବା ତାଙ୍କର ଫୋନ୍ ଆସିଯାଏ, ତା'ହେଲେ ତତ୍‌କ୍ଷଣାତ୍ କାମ କରିବା ପାଇଁ ପ୍ରସ୍ତୁତ ହୋଇଯାଉଥିଲେ । ତାଙ୍କ ପତ୍ନୀ କୁହନ୍ତି:- ଯେତେବେଳେ ସେ ଅମୀର୍ ଜମାତ୍ ହେଲେ ସେତେବେଳେ ମତେ ଏ ଆଦେଶ ଥିଲା ଯେ ସବୁ ସମୟରେ ଖାଇବା ପିଇବା ତଥା ଚା ଇତ୍ୟାଦି ପ୍ରସ୍ତୁତ ହୋଇ ରହିବା ଉଚିତ । କାରଣ କେତେବେଳେ ବି କୌଣସି ଅତିଥି ଆସିପାରନ୍ତି । ପୁଣି ସେ କୁହନ୍ତି:- ମୋର ମନେ ନାହିଁ କେବେ ବି ମୋ ଘର ଅତିଥିମାନଙ୍କ ଦ୍ୱାରା ଖାଲି ରହିଥିବ ବା କେହି ନା କେହି ସ୍ଥାୟୀ ଭାବରେ ଆସି ନ ରହିଥିବେ । ସେ କିଛି ମୁରବୀ (ମୁବଲ୍ଲିଗ୍)ମାନଙ୍କୁ ମଧ୍ୟ ଘରେ ରଖୁଥିଲେ । ତାଙ୍କ ଘର ସବୁବେଳେ କାର୍ଯ୍ୟାଳୟ ଭାବରେ ଚାଲୁ ରହୁଥିଲା । ସେ ବହୁତ ଖୋଲା ହୃଦୟଧାରୀ ଓ ହୃଦୟ ଭିତରୁ ସ୍ନେହ କରୁଥିବା ବ୍ୟକ୍ତି ଥିଲେ । ସମସ୍ତ ଅଣ ଅହେମଦୀ ବନ୍ଧୁବାନ୍ଧବ ବରଂ ସମ୍ପୂର୍ଣ୍ଣ ଖୋଖର୍ ଖାନ୍‌ଦାନ୍ (ବଂଶ) ତାଙ୍କର ବହୁତ ମାନ ସମ୍ମାନ କରୁଥିଲା । ତାଙ୍କୁ ପ୍ରେମ କରୁଥିଲା । ସେ ମଧ୍ୟ ତାଙ୍କ ସହିତ ବହୁତ ସୁନ୍ଦର ବ୍ୟବହାର କରୁଥିଲେ । ଅଲ୍ଲାଃଙ୍କ କୃପାରୁ ପବିତ୍ର କୁର୍‌ଆନ୍ ବହୁତ ଉତମ ଭାବରେ କରୁଥିଲେ । ପୁଣି ତାଙ୍କ ପତ୍ନୀ କୁହନ୍ତି:- ଯେତେବେଳେ ମୁଁ ପବିତ୍ର କୁର୍‌ଆନ୍ ଆବୃତି କରୁଥିଲି, ସେ ବିନା କୌଣସି କୁର୍‌ଆନ୍ ଖୋଲି ମୋର ସଂଶୋଧନ କରୁଥିଲେ ।

ତାଙ୍କ ପୁତ୍ର ତଲ୍‌ହା କୁହନ୍ତି:- ସେ ନିଜର ଦୁଇଜଣ ମାଆାଙ୍କର ବହୁତ ଧ୍ୟାନ ରଖିଥିଲେ, କେବେ ବି କୌଣସି ପାତ୍ରର ଅନ୍ତର କରିନାହାନ୍ତି । ନିଜର ସମସ୍ତ ଭାଇ ଭଉଣୀମାନଙ୍କର ବିବାହା ଦାନ ନିଜେ କରାଇଛନ୍ତି । ନିଜର ସମସ୍ତ ଭାଇ ଭଉଣୀମାନଙ୍କର ବିବାହ ଦାନ ନିଜେ କରାଇଛନ୍ତି । ତାଙ୍କ ଘର ତାଙ୍କ ହୃଦୟ/ମନ ପରି ସର୍ବଦା ପ୍ରତ୍ୟେକ ଲୋକଙ୍କ ପାଇଁ ଖୋଲା ଥିଲା । ବିଶେଷ ଭାବରେ ଓ୍ୱାକିଫିନେ ଜମାଅତ୍ ମାନଙ୍କ ନିମନ୍ତେ ଖୋଲା ରହୁଥିଲା । ତାଙ୍କର ଗୋଟିଏ ଘର ଖୈରା ଗଲି ମରିଠାରେ ଥିଲା । ସେ କହୁଥିଲେ ମୁଁ ଏହି ଘର ଜମାତ୍ ପାଇଁ ହିଁ ନିର୍ମାଣ କରିଛି । ଯିଏ ବି ସେଠାରେ ଯାଇ ରହିବାକୁ ଚାହୁଁଥିଲା, ରହୁଥିଲା । ସେ କେବେ ବି କାହାକୁ ମନା କରିନାହାନ୍ତି । ୧୯୮୪ ମସିହାର ସରକାରୀ ଅର୍ଡ଼ିନାନ୍ସ ପରେ ଯେଉଁ ପରୀକ୍ଷାର ସଙ୍କଟପୂର୍ଣ୍ଣ ସମୟ ଥିଲା, ସେତେବେଳେ ସେ ଅଲ୍ଲାଃଙ୍କ କୃପାରୁ ନିଜର ସାହାସୀ Personality ଦ୍ୱାରା ଜିଲ୍ଲା ମୁଲ୍‌ତାନ୍ ଏବଂ ମୁଲ୍‌ତାନ୍ ସହରର ସମସ୍ତ ସାଥିମାନଙ୍କୁ ବହୁତ ସାହାସ ଦେଉଥିଲେ । କେବେ ବି ଦୃବଳ ହେବାକୁ ଦେଲେ ନାହିଁ । ହଜରତ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମହୁଲ୍ଲାଃଙ୍କର ହିଜ୍‌ରତ୍ କରିବା ସମୟରେ ଅଲ୍ଲାଃଙ୍କ କୃପାରୁ ହଜୁରଙ୍କୁ କାଫିଲା (Caravan) ରେ ତାଙ୍କୁ ସାମିଲ ହେବାର ସୌଭାଗ୍ୟ ମିଳିଥିଲା । ଗୋଟିଏ ସ୍ଥାନରେ ଗୋଟିଏ ଅବସରରେ ତାଙ୍କୁ ସେହି କାଫିଲାଙ୍କୁ ଲିଡ୍ (Lead) କରିବାର ସୌଭାଗ୍ୟ ମଧ୍ୟ ମିଳିଛି । ସଠିକ୍ ମାର୍ଗଦର୍ଶନ କରିଛନ୍ତି । ତାଙ୍କ ପୁତ୍ର ଲେଖିଛନ୍ତି ଯେ ଅବାଙ୍କ ଇମାରତ୍ ସମୟରେ ଆମ ଘରଟି ଘର ଅପେକ୍ଷା ଦଫ୍‌ତର୍ (କାର୍ଯ୍ୟାଳୟ)ରେ ପରିବର୍ତନ ହୋଇଯାଇଥିଲା । ଖୁବ୍ ଗହଳି ଚହଳି ରହୁଥିଲା । ଜମିବାଡ଼ିର ସମସ୍ତ କାମ ନିଜର ସାନ ଭାଇ ଦାୟିତ୍ୱରେ ଦେଇ ଦେଇଥିଲେ ଓ ନିଜର ସମସ୍ତ ସମୟ ଦୀନ (ଅର୍ଥାତ ଧର୍ମ) କାର୍ଯ୍ୟରେ ବ୍ୟୟ କରିଥିଲେ । ପ୍ରତ୍ୟେକ ବ୍ୟକ୍ତି ଅନାୟାସରେ ଯାଅ ଆସ କରୁଥିଲେ । ତାଙ୍କର ବ୍ୟକ୍ତିତ୍ୱରେ ଦେଖାଣିଆ ସ୍ୱଭାବ ନଥିଲା । ତାଙ୍କ ଅଣ ଅହେମଦୀ ବନ୍ଧୁବାନ୍ଧବଙ୍କୁ ସେ ଆର୍ଥିକ ସାହାଯ୍ୟ କରୁଥିଲେ । ସେ କୁହନ୍ତି:- ତାଙ୍କ ଯନାଜାଃ (ଅନ୍ତ୍ୟେଷ୍ଟି କ୍ରୀୟା)ରେ ଆମର କିଛି ବନ୍ଧୁ ବାନ୍ଧବ ଆସିଥିଲେ, ସେମାନେ କାନ୍ଦି କାନ୍ଦି କହୁଥିଲେ ଯେ ଆଜି ଆମେ ଅନାଥ ହୋଇଗଲୁ । କାରଣ ସେ ତାଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କ ପୁଅ କୁହନ୍ତି:- ସେ ସର୍ବଦା ଆମକୁ ନମାଜ ପଢ଼ିବା ପାଇଁ ପ୍ରର୍ବତାଇ ଥିଲେ । ବିଶେଷ ଭାବରେ ଫଜର୍ ନମାଜ ପଢ଼ିବା ପାଇଁ । ତାଙ୍କ ସାନ ଝିଅ ଫାଇଜା କୁହନ୍ତି:- ଆମ ବାପାଙ୍କର ଅଲ୍ଲାଃଙ୍କ ଉପରେ ଭରସା କରିବା ଆମ ପାଇଁ ଏକ ଦୃଷ୍ଟାନ୍ତ ଥିଲା । ସେ ସବୁ ପ୍ରକାରର ଯୁଗ ଦେଖିଛନ୍ତି । ଯୌବନ ଅବସ୍ଥାରେ ଅନାଥ ହୋଇଗଲେ । ସବୁ ପ୍ରକାରର ପରିସ୍ଥିତିର ମୁକାବିଲା କରିଛନ୍ତି । ଭଲ ବି ଖରାପ ବି କିନ୍ତୁ ମୁଁ ପିଲାଦିନୁ ଏହା ଦେଖି ଆସିଛି ଯେ ଆମ ବାବା ଅଲ୍ଲାଃଙ୍କ ଉପରେ ଭରସା କରିବା ବିଷୟ ସ୍ୱଷ୍ଟ ଭାବରେ ପ୍ରକାଶ କରୁଥିଲେ । ସର୍ବଦା ଏକଥା କହୁଥିଲେ ଯେ ମୋର ପ୍ରତ୍ୟେକ କାମ ଅଲ୍ଲାଃ ସ୍ୱୟଂ କରୁଛନ୍ତି । ପୁଣି ତାଙ୍କ ସାନ ଝିଅ କୁହନ୍ତି:- ଆମ ବାପାଙ୍କୁ ଖିଲାଫତ୍ ସହିତ ବହୁତ ପ୍ରେମ ଭାବ ଥିଲା । ଖିଲାଫତ୍‌ର ଚର୍ଚ୍ଚା ହେବା ମାତ୍ରକେ କାନ୍ଦି ପକାଉଥିଲେ । ତାଙ୍କ ଉପରେ ଗୋଟିଏ ବିପତି ମଧ୍ୟ ଆସିଛି । ସେ ତାକୁ ବି ବହୁତ ଧୈର୍ଯ୍ୟ ଓ ଦୁଆ ସହିତ ମୁକାବିଲା କରିଛନ୍ତି ।

ତାଙ୍କ ଛୋଟ ଭାଇ ମଲକ ତାରିକ୍ ଅଲୀ ଖୋଖର୍, ଯିଏ ତାଙ୍କ ଦ୍ୱିତୀୟ ମାଆାଙ୍କ ଔରଷରୁ ଜନ୍ମିତ, ସେ କୁହନ୍ତି:- ମୋ ବୟସ ଯେତେବେଳେ ନଅ ବର୍ଷ ଥିଲା, ମୋ ବାପାଙ୍କର ଦେହାନ୍ତ ହୋଇଗଲା । ମୋର ଏହି ବଡ଼ ଭାଇଜାନ୍ ମଲକ୍ ଫାରୁକ୍ ସାହେବ୍‌ଙ୍କର ବୟସ ୨୨ ବର୍ଷ ହୋଇଥିଲା । କିନ୍ତୁ ସେ ଆମମାନଙ୍କୁ ବାପାଙ୍କ ପରି ସମ୍ଭାଳିଲେ ଓ ସାରା ଜୀବନ ମତେ କେବେ ବି ମୋ ବାପା ନାହାନ୍ତି ବୋଲି ଅନୁଭବ ହେବାକୁ ଦେଇନାହାନ୍ତି । ପୁଣି ସେ ଲେଖିଛନ୍ତି ଯେ ଅଣଅହେମଦୀ ବନ୍ଧୁ ବାନ୍ଧବ ମାନଙ୍କ ଉପରେ ତାଙ୍କର ବହୁତ ପ୍ରଭାବ ଥିଲା । ସେ ତାଙ୍କର ବହୁତ ଧ୍ୟାନ ମଧ୍ୟ ରଖୁଥିଲେ । ଅଗଣତି ଅହେମଦୀ ପାରିବାରିକ ଭରଣ ପୋଷଣ କରୁଥିଲେ । ବହୁତ ପିଲାଙ୍କୁ ତାଲିମ୍ ପ୍ରଦାନ କରାଇ ରୋଜଗାର କ୍ଷମ କରୁଥିଲେ । ପୁଣି ସେ କୁହନ୍ତି:- ମୋ ଭାଇ ପ୍ରତ୍ୟେକ ଅଭାବି ଲୋକଙ୍କୁ କରଜ ଦେଉଥିଲେ । କେବେ ବି କରଜ ଫେରସ୍ତ କରିବାକୁ ମାଗୁନଥିଲେ । ସର୍ବଦା ଏ ନିୟତ୍‌ରେ କରଜ ଦେଉଥିଲେ ଯେ ଏହା ହେଉଛି କରଜ୍ା ହସ୍‌ନା

ବହୁତ ନୌ ମୁବାଇନ୍ କୁହନ୍ତି ଯେ ଆମକୁ ଅହେମଦୀୟତ୍‌ରେ ପ୍ରବେଶ ହେବା ପରେ ମଲକ୍ ଫାରୁକ୍ ଅହ୍‌ମଦ୍ ଖୋଖର୍ ସାହେବ୍ ନିଜ ଲୋକମାନଙ୍କ ପରି ସମ୍ଭାଳୁ ଥିଲେ ଓ ଆମ ଆବଶ୍ୟକତାର ଖୁବ୍ ଧ୍ୟାନ ରଖୁଥିଲେ । ଅଶି ବର୍ଷର ହୋଇଯାଇଥିଲେ କିନ୍ତୁ ବିଗତ ଦୁଇ ବର୍ଷ ହେବ ଯଦି କିଛି ଚିନ୍ତା ଥିଲା ତା'ହେଲେ ତାଙ୍କର ଏ ଚିନ୍ତା ଥିଲା ଯେ କିପରି ନିଜ ଧନସମ୍ପତିର ହିସା ଜାଏଦାଦ୍ (ଅର୍ଥାତ ଧନସମ୍ପତିର ଧାର୍ଯ୍ୟ ଭାଗ) କିପରି ପ୍ରଦାନ କରିବେ । ଅଧିକାଂଶ ହିସ୍‌ସା ଜାଏଦାଦ୍ ପ୍ରଦାନ କରି ଦେଇଥିଲେ । କିଛି ରହିଯାଇଥିଲା । ଅଲ୍ଲାଃ ତାଲା ତାଙ୍କ ସନ୍ତାନମାନଙ୍କୁ ବାକିତକ ପଇଠ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ତାଙ୍କ ଭଉଣୀ ତାହିରା କୁହନ୍ତି:- ଇଏ ମଧ୍ୟ ଦ୍ୱିତୀୟ ମାଆାଙ୍କ ସନ୍ତାନ ଥିଲେ, ମୋ ଭାଇ ସର୍ବଦା ମୋ ସହିତ ଜଣେ ସ୍ନେହୀ ବାପାଙ୍କ ପରି ବ୍ୟବହାର କରୁଥିଲେ । ତାଙ୍କର ସବୁଠାରୁ ଭଲ ଗୁଣ ଏହା ଥିଲା ଯେ ସେ କେବେ ବି ନିଜ ଓ ସାବତ ମଧ୍ୟରେ ଫରକ କରୁନଥିଲେ । ସବୁ ଭାଇ ଭଉଣୀମାନଙ୍କ ସହିତ ଗୋଟିଏ ପ୍ରକାରର/ ଏକାପରି ବ୍ୟବହାର କରୁଥିଲେ । ଦୁଇ ମାଆାଙ୍କ ପରି ସହିତ ସମାନ ବ୍ୟବହାର କରୁଥିଲେ । ଆମକୁ କେବେ ବି ଏକଥା ଅନୁଭବ ହେବାକୁ ଦେଇନାହାନ୍ତି ଯେ ଆମମାନଙ୍କର ମାଆ ଅଲଗା ଅଲଗା । ପୁଣି ସେ କୁହନ୍ତି:- ସେ ବାସ୍ତବପକ୍ଷେ ମୋ ବାପାଙ୍କ ସ୍ଥାନରେ ଥିଲେ । ଯେଉଁଭଳି ଜଣେ ବାପା ନିଜ ଝିଅ ସହିତ ଚୁପ୍‌ଚାପ୍ ସମସ୍ତ ଦୁଃଖ ସୁଖରେ କାମ ଆସିଥାନ୍ତି, ବିଲ୍‌କୁଲ୍ ସେହିପରି ମୋ ସହିତ ତାଙ୍କର ବ୍ୟବହାର ଥିଲା । ପୁଣି ତାଙ୍କ ଝିଅ ନମୁଦେ ସହର କହିଛନ୍ତି ଯେ ଆମ ବାପାଙ୍କ ଜୀବନାର କିଛି କଥା ସ୍ୱତନ୍ତ୍ର ଥିଲା । ତାହା ବାରମ୍ବାର ମନେପଡୁଛି । ସେଥି ମଧ୍ୟରୁ ତାଙ୍କର ସବୁଠାରୁ ଅଧିକା ଅତିଥିପରାୟଣତାର ଗୁଣ ଓ ଲୋକମାନଙ୍କ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର ଥିଲା । ପୁଣି ସେ କହୁଛନ୍ତି ଯେ- ଅତିଥିସତ୍କାରର ଅବସ୍ଥା ଏପରି ଥିଲା ଯେ ଘରେ ଘର ଲୋକଙ୍କ ପାଇଁ ଖାଇବା ପ୍ରସ୍ତୁତ ହୋଇଥାଏ ଓ ଘର ଲୋକମାନେ ଖାଇବାକୁ ବସିଥାନ୍ତି, ଠିକ୍ ଏହି ସମୟରେ ଅତିଥି ଆସି ଯାଆନ୍ତି । ଅତଏବ୍ ସେହି ଖାଦ୍ୟ ଅତିଥିମାନଙ୍କ ପାଇଁ ପରଷି ଦିଆଯାଏ । ଘର ଲୋକମାନେ ପୁଣି ଅଣ୍ଡା ତଳିକି କାମ ଚଳାଇ ଦିଅନ୍ତି । ପୁଣି ସେ କୁହନ୍ତି:- ବହୁତ ଭୂଲ ଜୀବନରେ

ହୋଇଯାଇଥାଏ । ମଣିଷ ମଧ୍ୟରେ ଉଚ୍ଚା ନିଚା ବି ହୋଇଯାଏ ଏବଂ ଏଥିପାଇଁ ବେଳେବେଳେ କିଛି ପରୀକ୍ଷାର ସମ୍ମୁଖିନ ବି ସେ ହୋଇଛନ୍ତି କିନ୍ତୁ କେବେ ବି ଖିଲାଫତ୍ ସମ୍ବନ୍ଧରେ ସେ ଏପରି କୌଣସି କଥା କହିନାହାନ୍ତି ଯେ ଯଦ୍ୱାରା ଆମକୁ କେବେ ଏ ଖିଆଲ୍ ବି ଆସିଥିବ ଯେ ଖଲିଫାଙ୍କର କୌଣସି ଭୂଲ ନିଷ୍ପତି ହୋଇଛି ବୋଲି । ସର୍ବଦା ଆମ ଘରେ ଖୁତ୍‌ବା ଶୁଣିବା ଏବଂ ଜମାଅତ୍ ସହିତ ସମ୍ପର୍କ ରଖିବା, ଏହାର ବିଶେଷ ଧ୍ୟାନ ଓ ଯତ୍ନ ହେଉଥିଲା । ଅଲ୍ଲାଃ ତାଲା ତାଙ୍କ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ଉପରେ ଦୟା କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ଏବଂ ପୂଣ୍ୟ କର୍ମରେ ଆଗକୁ ବଢ଼ିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ଇଣ୍ଡୋନେସିଆ, ନିବାସୀ ରହ୍‌ମତୁଲ୍ଲାଃ ସାହେବ୍‌ଙ୍କର । (୬୬) ଛଅଷଠି ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କର ଜନ୍ମକ ପୂର୍ବ ଜାଭା ଦ୍ୱୀପରେ ହୋଇଥିଲା । ୧୯୮୦ ମସିହାରେ ଜମାତ୍ ଅମେହଦୀୟା ଇଣ୍ଡୋନେସିଆର ପୂର୍ବତନ ରଇସୁଲ୍ ତବ୍‌ଲିଗ୍ ମୋକରମ୍ ସିୟୁତି ଅଜିଜ୍ ଅହ୍‌ମଦ୍ ସାହେବ୍‌ଙ୍କ ଜରିଆରେ ବୟତ କରି ନାମତ୍‌ରେ ସାମିଲ ହୋଇଥିଲେ । ୧୯୯୩ ମସିହାରେ ନିଜାମେ ଓ୍ୱସିୟତ୍ (ଓ୍ୱସିୟତ୍ ବ୍ୟବସ୍ଥା)ରେ ସାମିଲ ହୋଇଥିଲେ । ସେଠାରେ କାରଙ୍ଗ ଟେଙ୍ଗା (Karang Tengah)ଜମାତ୍ ଅଛି । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କୁ ସେଠାରେ ସେବା କାର୍ଯ୍ୟ କରିବାର ସୌଭାଗ୍ୟ ମିଳିଚାଲିଥିଲା । ତାଙ୍କ ପଛରେ ତାଙ୍କ ପତ୍ନୀଙ୍କ ବ୍ୟତୀତ ତିନିଜଣ ସନ୍ତାନ ଓ ଛଅ ଜଣ ନାତି ଅଛନ୍ତି ।

ତାଙ୍କ ପତ୍ନୀ ଲେଖିଛନ୍ତି ଯେ ମରହୁମ୍ ରହ୍‌ମୁତଲ୍ଲାଃ ସାହେବ୍ ଗୋଟିଏ ସ୍ୱପ୍ନ ଦେଖିଥିଲେ, ସେଥିରେ ସେ ନିଜକୁ ଲୋକମାନଙ୍କ ଭିଡ଼ ମଧ୍ୟରେ ଧାଡ଼ିରେ ଛିଡ଼ା ହୋଇଥିବାର ଦେଖିଥିଲେ । ସେ ସ୍ୱପ୍ନରେ ଜଣକୁ ପଚାରିଲେ ଯେ ମୁଁ କେଉଁ ଧାଡ଼ିରେ ଛିଡ଼ା ହେବି । ଜଣେ ତାଙ୍କୁ ଗୋଟିଏ ଧାଡ଼ି ଆଡ଼କୁ ଇସାରା କଲେ, ସେହି ଧାଡ଼ିରେ ଜଣେ ପବିତ୍ର ବ୍ୟକ୍ତି ଥିଲେ । ମୃତକ ସେହି ପବିତ୍ର ବ୍ୟକ୍ତି ଜଣଙ୍କୁ ଚିହ୍ନିପାରିଲେ ନାହିଁ । କିଛି ଦିନ ପରେ ଜଣାପଡ଼ିଲା ଯେ ସେ ସ୍ୱପ୍ନରେ ଯେଉଁ ପବିତ୍ର ବ୍ୟକ୍ତିଙ୍କୁ ଦେଖିଥିଲେ, ସେ ହଜରତ ମସିହ ମଉଦ୍ ଆ:ସ ଥିଲେ । ସେଥିଯୋଗୁଁ ସେ ଜମାତ୍‌ର ସତ୍ୟତା ପ୍ରତି ଆକୃଷ୍ଟ ହେଲେ । ପୁଣି ବୟତ୍ ମଧ୍ୟ କରିନେଲେ । ତାଙ୍କ ଝିଅ ଲେଖିଛନ୍ତି ଯେ ସେ ବୟତ କରିବା ପରେ ସ୍ଥାନୀୟ ଜମାତ୍ ବ୍ୟତୀତ ସ୍ଥାନୀୟ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ରେ ସେବାକାର୍ଯ୍ୟ ସମ୍ପାଦନ କରୁଥିଲେ । ଜମାତ୍‌କୁ ବିରୋଧିମାନଙ୍କ ତରଫରୁ ଆକ୍ରମଣ ଓ ଧମକ ମିଳୁଥିଲା । ସେ ଅତ୍ୟନ୍ତ ସାହାସର ସହିତ ଜମାତ୍ ତରଫରୁ ପ୍ରତିରକ୍ଷା କରୁଥିଲେ । ବହୁତ ଦାନୀ ବ୍ୟକ୍ତି ଥିଲେ । ଯେବେ କି ସାହାଯ୍ୟ ମାଗିବା ପାଇଁ ତଥା କରଜ ନେବା ପାଇଁ ଆସୁଥିଲେ, ସର୍ବଦା ତାଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କର ତୃତୀୟ ଝିଅ ଲେଖିଛନ୍ତି ଯେ ଖିଲାଫତ୍ ସହିତ ସେ ଅତ୍ୟନ୍ତ ପ୍ରେମ କରୁଥିଲେ ଏବଂ ବହୁତ ଆଜ୍ଞାପାଳନ କରୁଥିଲେ ।

ଇଣ୍ଡୋନେସିଆର ଅମୀର୍ ସାହେବ୍ ଶ୍ରୀମାନ୍ ଅବ୍‌ଦୁଲ୍‌ବାସିତ୍ ସାହେବ୍ ଲେଖିଛନ୍ତି ଯେ ତାଙ୍କର ଖିଲାଫତ୍ ଏବଂ ଜମାତ୍ ସହିତ ବହୁତ ପ୍ରେମ ଓ ନିଷ୍ଠାଭାବ ଥିଲା । ସେ ପୁଣି କୁହନ୍ତି ସେଠାରେ ପଶ୍ଚିମ ଜଭା ଦ୍ୱିପରେ ଗୋଟିଏ ସହରରେ ଆମ ଜମାଅତ୍ ଅଛି । ସେଠାରେ କେତେ ଥର ବିରୋଧିମାନେ ଆମ ମସ୍‌ଜିଦ୍ ଉପରେ ଆକ୍ରମଣ କରିଲେ ଏବଂ ସ୍ଥାନୀୟ ପ୍ରଶାସନକୁ ଆମ ଜମାତ୍‌ର କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କହିଲେ । ଏହିଭଳି ପରିସ୍ଥିତିରେ ରହ୍‌ମତୁଲ୍ଲାଃ ସାହେବ୍ ବହୁତ ସାହାସର ସହିତ ବିରୋଧି ଓ ସ୍ଥାନୀୟ ପ୍ରଶାସନର ମୁକାବିଲା କଲେ ଏବଂ ସେମାନଙ୍କ ଆପତିର ଉତର ଦେଇଛନ୍ତି । ତାଙ୍କ ପ୍ରଚେଷ୍ଟା ଯୋଗୁଁ ସେଠାରେ ଏ ପର୍ଯ୍ୟନ୍ତ ଜମାଅତ୍ ତିଷ୍ଠି ରହିଛି । କୌଣସି ପ୍ରତିବନ୍ଧକ ଲଗାଯାଇନାହିଁ । ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ଦୟା କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ବି ସେହି ପୂଣ୍ୟକର୍ମକୁ ଜାରି ରଖିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ଶ୍ରୀମାନ ଅଲ୍ ହାଜ୍ ଅବଦୁଲ୍ ହମିଦ୍ ଟାକ୍ ସାହେବ ୟାରିପୁରା କାଶ୍ମୀର ନିବାସୀଙ୍କର । ହଜୁର ଅନଓ୍ୱର[ଅ.ବ] କହିଲେ; ତାଙ୍କର ଚଳିତ ଡ଼ିସେମ୍ବର ମାସ ୨୪ ତାରିଖ ଦିନ ୯୪ ବର୍ଷ ବୟସରେ ଇହଧାମ ତ୍ୟାଗ କରିଗଲେ । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସି ଥିଲେ । ସେ ମୁହମ୍ମଦ ଅକରମ୍ ଟାକ୍ ସାହେବ ୟାରିପୁରା କାଶ୍ମୀରଙ୍କର ପୁତ୍ର ଥିଲେ ଯିଏ ସେଠାକାର ପ୍ରାରମ୍ଭିକ ଅହେମଦିମାନଙ୍କ ମଧ୍ୟରୁ ଜଣେ ଥିଲେ । ମୃତକ ଅତି ପୁଣ୍ୟବାନ, ନମ୍ର, ମେଳାପି, ସମସ୍ତଙ୍କର ପ୍ରିୟ ଓ ଗମ୍ଭୀର ସ୍ୱଭାବି ବ୍ୟକ୍ତି ଥିଲେ । ଦୀର୍ଘ ଦିନ ପର୍ଯ୍ୟନ୍ତ ଜମାଅତର ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ଜମ୍ମୁ କାଶ୍ମୀରର ରାଜ୍ୟ ସ୍ତରୀୟ ତଥା ଜିଲ୍ଲା ସ୍ତରୀୟ ଅମିର ଓ ନାଜିମ୍ ଅନ୍‌ସାରୁଲ୍ଲାଃ ଭାବରେ ମଧ୍ୟ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସ୍ଥାନୀୟ ଜମାଅତରେ ସ୍ଥାନୀୟ ପଦବୀରେ ମଧ୍ୟ ବହୁତ ସେବା କରିଛନ୍ତି । ବର୍ଷ ବର୍ଷ ଧରି ଅଞ୍ଜୁମନ ତେହରିକେ ଜଦିଦ୍ ଭାରତର ମାନ୍ୟବର ସଦସ୍ୟ ତଥା ଜଣେ ସ୍ତମ୍ଭ ଥିଲେ । ରାଜ୍ୟ ସ୍ତରୀୟ ଅମିର ଦାୟିତ୍ୱରେ ମୁତୟନ ଥିବା ସମୟରେ ଅର୍ଥାତ ତାଙ୍କ କାର୍ଯ୍ୟ କାଳରେ ୧୯୮୭ ମସିହାରେ କାଶ୍ମୀର ରାଜ୍ୟରେ ପାଂଚ ଗୋଟି ଜମାଅତୀୟ ସ୍କୁଲ୍ ସ୍ଥାପନ ହୋଇଥିଲା । ଅନେକ ମିଶ୍‌ନ ହାଉସ୍ ଓ ମସଜିଦ୍ ନିର୍ମାଣ କରେଇବାରେ ମଧ୍ୟ ତାଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେ କଠୋର ପରିଶ୍ରମ କରି ତାହା ସମ୍ପନ୍ନ କରିଥିଲେ । ଯୁବକମାନଙ୍କ ଜ୍ଞାନର ଅଭିବୃଦ୍ଧି କରିବା ଓ ସେମାନଙ୍କୁ ସୁଦକ୍ଷ କରିବା ସକାଶେ ସେ ସର୍ବଦା ପ୍ରୟାସରତ ରହୁଥିଲେ ଏବଂ ଏହି କାର୍ଯ୍ୟରେ ସର୍ବଦା ଆଗରେ ରହୁଥିଲେ । ୟାରିପୁରା ଅଂଚଳରେ ତାଙ୍କର ସାମାଜିକ ସେବା ଯୋଗୁଁ ସଭିଏଁ ତାଙ୍କର ଆଦର ସମ୍ମାନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ଆଚରଣ ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କ ସନ୍ତାନ ସନ୍ତତିଙ୍କୁ ପୁଣ୍ୟବାନ ଓ ଭଦ୍ର ସ୍ୱଭାବରେ ବିମଣ୍ଡିତ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଆପଣଙ୍କର ସେଠାରେ ଏମ୍.ଟି.ଏ ଷ୍ଟୁଡ଼ିଓ ତିଆରି ହୋଇସାରିଛି, ସେଠାରେ ଆପଣମାନେ ଏମ୍‌ଟିଏ ସହିତ Coordinate କରି ଗୋଟିଏ ପ୍ରୋଗ୍ରାମ କରିପାରିବେ । ଲଜ୍‌ନା ଗୋଟିଏ ପ୍ରୋଗ୍ରାମ ତିଆରି କରନ୍ତୁ ଏବଂ ବିନା କାହାର ନାମ ନେଇ ସେହି ପ୍ରଶ୍ନଗୁଡ଼ିକର ଉତର ଦିଅନ୍ତୁ ଯେ ଆଜିକାଲି ଏହିପରି Issue ସୃଷ୍ଟି ହେଉଅଛି ତଥା ଏପରି ପ୍ରଶ୍ନ ଦୁନିଆରେ କରାଯାଉଅଛି । ଏହା ଦ୍ୱାରା ଆମର କେତେକ ଝିଅ ପିଲାମାନଙ୍କ ମନ/ ମୁଣ୍ଡ ମଧ୍ୟ Pollute ହେଉଅଛି ସେମାନଙ୍କ ମୁଣ୍ଡକୁ ଆମେ କିପରି ସଫା କରିବା । ତେଣୁ ଏହିପରି କିଛି ପ୍ରଶ୍ନ ରହିଛି ଯେ ଆପଣମାନେ ଖୋଲାଖୋଲି ଭାବରେ ଏମ୍‌ଟିଏରେ discuss କରିପାରିବେ । କିଛି ଏପରି ଅଛନ୍ତି ଯିଏ ଏହା କହିପାରିବେ ନାହିଁ, ସେମାନଙ୍କୁ Personal Level ରେ ଯାଇ ଉତର ଦେବାକୁ ହେବ । ପୁଣି କିଛି ବେନାମି ପ୍ରଶ୍ନ ଆସିବ, ସେଗୁଡ଼ିକୁ ଇଂଟରନେଟ୍‌ରେ ଏପରି ରଖନ୍ତୁ, ଏମିତି କିଛି Forum ତିଆରି କରନ୍ତୁ ଯେଉଁଠି ତର୍‌ବିୟତ୍ (ପ୍ରଶିକ୍ଷଣ) ନିମନ୍ତେ ଏହିପରି ପ୍ରଶ୍ନର ଉତର ଦିଆଯାଇପାରିବ । ଆଜିକାଲି ଏ ଯୁଗରେ ଏହା ବହୁତ ବଡ଼ ଚ୍ୟାଲେଞ୍ଜ ଅଟେ । ଯାହାକୁ ମିଡ଼ିଆଗୁଡ଼ିକ ଲୋକମାନଙ୍କ ମୁଣ୍ଡରେ ସନ୍ଦେହ ସୃଷ୍ଟି କରିବା ପାଇଁ ପକାଇ ଦେଇଛି । ପୁଣି So-called ଶିକ୍ଷା ନା ରେ ନିଜକୁ ଅଧିକ ଶିକ୍ଷିତା ବୋଲି ଭାବି ଏକଥା ଜାଣୁଛନ୍ତି ଯେ ବୋଧ ହୁଏ ଇସ୍‌ଲାମ୍‌ର ଶିକ୍ଷା ବହୁତ Backwards ଶିକ୍ଷା ଅଟେ । ଯେବେ କି ଇସ୍‌ଲାମ୍‌ର ଶିକ୍ଷାଠାରୁ ଅଧିକା ଏ ଯୁଗରେ କୌଣସି ବି ଧର୍ମରେ ଏପରି ଶିକ୍ଷା ମିଳେନାହିଁ ଯାହା ଆଧୁନିକ ହୋଇଥିବ ଏବଂ ଯାହା ଯୁଗଉପଯୋଗୀ ନିଜକୁ Adjust କରୁଥିବ ।

*(ଜହିର୍ ଅହ୍‌ମଦ୍ ଖାନ୍, ମୁରବି ସିଲ୍‌ସିଲା, ଇନ୍‌ଚାର୍ଜ ରେକର୍ଡ଼ ବିଭାଗ ପି.ଏସ୍ କାର୍ଯ୍ୟାଳୟ ଲଣ୍ଡନ)*

*(ଅଖ୍‌ବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୫ ମାର୍ଚ୍ଚ ୨୦୨୧ଙ୍କୁ ଧନ୍ୟବାଦ)*

⌘⌘⌘⌘⌘⌘⌘⌘⌘⌘

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**ଇସ୍‌ଲାମ୍ ମହିଳାମାନଙ୍କୁ ସେମାନଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯିବା ସ୍ଥଳେ ଚାରିମାସ ଦଶ ଦିନ ଶୋକ କରିବା ପାଇଁ ଆଦେଶ ଦେଇଛି ଏବଂ ସେଥିରେ କୌଣସି ପ୍ରକାରର ଛୁଟ୍ (ଅବହେଳା) ଦେଖାଇ ନାହିଁ । ସେହିପରି ଏହି ଆଦେଶକୁ ପାଳନ କରିବାରେ ବୟସର କୌଣସି ସୀମା ନିର୍ଦ୍ଧାରଣ କରିନାହିଁ । ବେଓ୍ୱା (ବିଧବା)ମାନଙ୍କ ନିମନ୍ତେ ଏହା ଜରୁରୀ ଯେ ସେମାନେ ଇଦ୍‌ଦତ୍ (ଅର୍ଥାତ ସ୍ୱାମୀଙ୍କ ମୃତ୍ୟୁ ପରେ ଘରେ ରହିବା ପାଇଁ ନିର୍ଦ୍ଧାରଣ କରାଯାଇଥିବା ସମୟ ସୀମା)ର ସମୟକୁ ଯଥା ସମ୍ଭବ ନିଜ ଘର ଭିତରେ ରହି ଅତିବାହିତ କରନ୍ତୁ । ଏହି ଅବଧି ମଧ୍ୟରେ ସଜବାଜ ହେବା ଶୃଙ୍ଗାର କରିବା ତଥା ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଏବଂ ବିନା ଆବଶ୍ୟକରେ ଘରୁ ବାହାରିବା ପାଇଁ ଅନୁମତି ନାହିଁ ।**

**ଇଦତ୍‌ର ସମୟ ଚାଲିଥିବା ସମୟରେ ବିଧବା ନିଜ ସ୍ୱାମୀଙ୍କ କବର ନିକଟରେ ଦୁଆ କରିବା ପାଇଁ ଯାଇପାରନ୍ତି କିନ୍ତୁ ସର୍ତ୍ତ ଏହା ଯେ କବର ସେହି ସହରରେ ଥିବ ଯେଉଁ ସହରରେ ବିଧବା ରହୁଥିବେ ।**

ନୋଟ୍:- ସୟଦନା ହଜରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲଫଜଲ୍ ଇଂଟରନ୍ୟାସନାଲ୍‌କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

ଭାଗ-୮

**ପ୍ରଶ୍ନ-** ମହିଳାମାନଙ୍କୁ ନିଜର ଚେହେରାରେ ପ୍ଲକିଂ ଏବଂ ଥ୍ରେଡ଼ିଂ ଇତ୍ୟାଦି କରିବା ତତ୍ ସହିତ ଶରୀରରେ ଚିତ୍ର (Tatoo) ଖୋଦନ କରିବା ସମ୍ବନ୍ଧରେ ପ୍ରଶ୍ନ ପେଶ୍ ହେବାରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨ ଫେବୃୟାରୀ ୨୦୧୯ ମସିହାରେ ନିମ୍ନଲିଖିତ ଉତ୍ତର ପ୍ରଦାନ କରିଥିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ:-

**ଉତର-** ହଦିସ୍‌ରେ ମୋମିନ୍ ମହିଳାମାନଙ୍କୁ ନିଜ ଶରୀରରେ ବିଭିନ୍ନ ଚିତ୍ର ଖୋଦନ କରିବା, ଚେହେରାର କେଶକୁ (ଅର୍ଥାତ ଲୋମକୁ- ଅନୁବାଦକ) ଛିଣ୍ଡାଇବା, ସୁନ୍ଦର ତଥା ଯୁବତୀ ଦେଖାଯିବା ପାଇଁ ମୁହଁ ସମ୍ମୁଖର ଦାନ୍ତ ଗୁଡ଼ିକ ମଧ୍ୟରେ ବ୍ୟବଧାନ ସୃଷ୍ଟି କରିବା, କୃତ୍ରିମ ବାଳ (କେଶ) ଲଗାଇବା ଏବଂ ଅଲ୍ଲାହ୍‌ଙ୍କ ସୃଷ୍ଟି (ନିର୍ମାଣ)ରେ ପରିବର୍ତନ କରିବା ଇତ୍ୟାଦି କାର୍ଯ୍ୟ କରିବା ମନା କରାଯାଇଅଛି । ଏହାର ବିଭିନ୍ନ କାରଣମାନ ରହିଛି ।

ଯଦି ଏହି ସମସ୍ତ କଥା ଦ୍ୱାରା ମଣିଷର ଶାରିରୀକ ଗଠନରେ ଏପରି କୃତ୍ରିମ ପରିବର୍ତନ ହୋଇଯାଏ ଯେ ପୁରୁଷ ଏବଂ ମହିଳାମାନଙ୍କ ମଧ୍ୟରେ ଯେଉଁ ଅନ୍ତର ଅଲ୍ଲାହ୍ ତାଲା ରଖିଛନ୍ତି, ତାହା ଶେଷ ହୋଇଯାଏ ବା ଏହି ପ୍ରକାରର କର୍ମ ଦ୍ୱାରା ଶିର୍କ (ଅନେକେଶ୍ୱର ବାଦ) ଏହି ଶିର୍କ ଯାହା ବହୁତ ବଡ଼ ପାପ । ତା' ଆଡ଼କୁ ମନ ଚାଲିଯିବାର ଶଙ୍କା ରହିଛି ତେଣୁ ଏହା ସବୁ ମନା କରାଯାଇଅଛି । ପୁଣି ହଦିସ୍‌ରେ ଯେଉଁଠି ଏହି ସବୁ କର୍ମ ନ କରିବା ପାଇଁ ଆଦେଶ ରହିଛି ସେଠାରେ ହଜୁର ସ:ଆ:ସ ବି ଏ କଥା ପ୍ରତି ସଚେତନ କରିଛନ୍ତି ଯେ ବନି ଇସ୍ରାଇଲ୍ ସେତେବେଳେ ଏଥିପାଇଁ ଧ୍ୱଂସ ହୋଇଗଲା ଯେତେବେଳେ ସେମାନଙ୍କ ମହିଳାମାନେ ଏହି ପ୍ରକାରର କାମ କରିବା ଆରମ୍ଭ କରିନେଇଥିଲେ । ଅତଏବ ଏଥିରୁ ପ୍ରମାଣ ହେଉଅଛି ଯେ ଇହୁଦୀମାନଙ୍କ ନିକଟରେ ଯେଉଁ ବ୍ୟଭିଚାର ବ୍ୟାପି ଯାଇଥିଲା ଓ ସେଠାରେ ବେଶ୍ୟାଳୟ ମାନ ଗଢ଼ି ଉଠିଥିଲା । ଏହି କାର୍ଯ୍ୟରେ ଲିପ୍ତ ମହିଳାମାନେ ପୁରୁଷମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଏହି ପ୍ରକାରର କୌଶଳ ବ୍ୟବହାର କରିଥାନ୍ତି । ତେଣୁ ରସୁଲେ୍ କରିମ୍ ସ:ଆ:ସ ଏପରି କାର୍ଯ୍ୟର କୁପରିଣାମ ବିଷୟରେ ବର୍ଣ୍ଣନା କରି ମୋମିନ୍ ମହିଳାମାନଙ୍କୁ ଏପରି କାର୍ଯ୍ୟ କରିବାକୁ ମନା କରିଛନ୍ତି ।

ଏତଦ୍ ବ୍ୟତୀତ ଏହା ବି ସମ୍ଭବ ହୋଇଥିବ ଯେ ଏହି ଆଦେଶ ରସୁଲେ୍ କରିମ୍ ସ:ଆ:ସ ସେ ସମୟର ଅବସ୍ଥା ଓ ପରିସ୍ଥିତିକୁ ଆଖି ଆଗରେ ରଖି ସାମୟିକ ଭାବରେ ଦେଇଥିବେ । ବିଲ୍ ସେହିପରି ଯେଉଁପରି ହଜୁର ସ:ଆ:ସ ଗୋଟିଏ ଇଲାକାରେ ଇସ୍‌ଲାମ୍ ଗ୍ରହଣ କରିଥିବା ଲୋକମାନଙ୍କୁ ସେହି ଇଲାକାରେ ମଦ ତିଆରି କରାଯାଇଥିବା ପାତ୍ରଗୁଡ଼ିକୁ ସାଧାରଣ ବ୍ୟବହାର ପାଇଁ ମନା କରିଦେଇଥିଲେ । କିନ୍ତୁ ଯେତେବେଳେ ସେହି ଲୋକମାନଙ୍କ ମଧ୍ୟରେ ଇସ୍‌ଲାମ୍‌ର ଶିକ୍ଷା ଭଲ ଭାବରେ ପ୍ରସାରିତ ହୋଇଗଲା, ସେତେବେଳେ ହଜୁର ସ:ଆ:ସ ସେମାନଙ୍କୁ ସେହି ପାତ୍ରଗୁଡ଼ିକୁ ସାଧାରଣ ବ୍ୟବହାର ନିମନ୍ତେ ଅନୁମତି ଦେଇ ଦେଇଥିଲେ ।

ଇସ୍‌ଲାମ୍ କାର୍ଯ୍ୟକଳାପର ଆଧାର ନିୟତ (ଅର୍ଥାତ ମନର ଉଦ୍ଦେଶ୍ୟ) ଉପରେ ରଖିଅଛି । ଅତଏବ ଏ ଯୁଗରେ ମଧ୍ୟ ଯଦି ସେହି ସବୁ କାର୍ଯ୍ୟଗୁଡ଼ିକ କୌଣସି ମନ୍ଦକାର୍ଯ୍ୟ ଆଡ଼କୁ ପ୍ରବର୍ତ୍ତାଉ ଥିବ ବା ଇସ୍‌ଲାମ୍‌ର କୌଣସି ସ୍ପଷ୍ଟ ଆଦେଶର ଅବମାନନା ହେଉଥିବ, ତେବେ ଏପରି କାର୍ଯ୍ୟଗୁଡ଼ିକ ହଜୁର ସ:ଆ:ସଙ୍କ ସେହି ସଚେତନମୂଳକ ଚେତାବନୀ ମଧ୍ୟରେ ଗଣନା ହେବ । ଯେମିତି କି ଏ ଯୁଗରେ ବି ମହିଳାମାନେ ନିଜର ଭ୍ୟାକ୍ସିଂ ଇତ୍ୟାଦି କାମ କରାଇବା ସମୟରେ ଯଦି ପରଦାର ବ୍ୟବସ୍ଥା ନ କରନ୍ତି ଏବଂ ଅନ୍ୟ ମହିଳାମାନଙ୍କ ସମ୍ମୁଖରେ ସେମାନଙ୍କର ନଗ୍ନତା ପ୍ରକାଶ ହୁଏ, ତା'ହେଲେ ଏହା ହେଉଛି ଅଶ୍ଳୀଳତା, ଯାହାର ଅନୁମତି ଦିଆଯାଇନାହିଁ । ବୋଧ ହୁଏ ଏହି କାରଣ ଯୋଗୁଁ ମହିଳାମାନେ ସେହି ଚେତାବନୀ ଅନ୍ତର୍ଗତ ଆସୁଛନ୍ତି । କିନ୍ତୁ ପରଦା କରିବାର ଇସ୍‌ଲାମୀୟ ଆଦେଶକୁ ପାଳନ କରିବା ସହିତ ଯଦି କୌଣସି ମହିଳା ସେହି ସମସ୍ତ କଥାରୁ ଲାଭ ଉଠାଇ ଥାଏ ତା'ହେଲେ ଏଥିରେ କୌଣସି ଅସୁବିଧା ନାହିଁ ।

**ପ୍ରଶ୍ନ-** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ନିବେଦନ କରି ଜାଣିବାକୁ ଇଚ୍ଛା କଲେ ଯେ କଣ ଗୋଟିଏ ଗସ୍ତ (ଯାତ୍ରା)ରେ ଏକରୁ ଅଧିକ ଥର ଉମ୍‌ରାଃ କରିବା ଠିକ୍ ହେବ ବା ଥରେ ଉମ୍‌ରାଃ କରିବା ପରେ ବାକି ସମୟକୁ ଉପାସନା କରିବାରେ ବ୍ୟତିତ କରିବା ଉଚିତ ? ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨ ଫେବୃୟାରୀ ୨୦୧୯ ମସିହାରେ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ଦେଇଛନ୍ତି:

**ଉତର:-** ଆଁ ହଜରତ ସ:ଆ:ସଙ୍କ ସୁନ୍ନତ (କାର୍ଯ୍ୟଶୈଳୀ)ରୁ ପ୍ରମାଣିତ ଯେ ହଜୁର ସ:ଆ:ସ ଗୋଟିଏ ଯାତ୍ରାରେ ଗୋଟିଏ (ଥରେ) ହିଁ ଉମ୍‌ରାଃ କରିଛନ୍ତି । କିନ୍ତୁ ହଜୁର ସ:ଆ:ସ କେଉଁଠି ବି ଏହା କରିବା ପାଇଁ ମନା କରିନାହାନ୍ତି ଯେ ଗୋଟିଏ ଯାତ୍ରାରେ ଏକରୁ ଅଧିକ ଥର ଉମ୍‌ରାଃ ହୋଇପାରିବ ନାହିଁ । ତେଣୁ ଯଦି କୌଣସି ବ୍ୟକ୍ତି ହଜୁର ସ:ଆ:ସଙ୍କ ସୁନ୍ନତ ମୁତାବକ ଗୋଟିଏ ଗସ୍ତ (ଯାତ୍ରାରେ) କେବଳ ଥରୁଟିଏ ଉମ୍‌ରାଃ କରେ ଏବଂ ବାକି ସମୟ ଅନ୍ୟ ଇବାଦତ୍ (ଉପସନା)ରେ ବିତାଏ ତେବେ ଏହା ମଧ୍ୟ ଠିକ୍ । ଯଦି ସେ ଏକରୁ ଅଧିକ ଥର ଉମ୍‌ରାଃ କରିବାକୁ ଚାହେଁ ତା'ହେଲେ ଯେହେତୁ ଉମ୍ରାଃରେ ବି ଅଲ୍ଲାହ୍ ତାଲାଙ୍କ ଘରର ପରିକ୍ରମା, ସଫା ଓ ମରଓ୍ୱା ପାହାଡ଼ ମଧ୍ୟରେ ପରିକ୍ରମଣ କରିବା, ଈଶ୍ୱରଙ୍କୁ ସ୍ମରଣ ଓ ଧ୍ୟାନ କରିବା ଏବଂ ନଓ୍ୱାଫିଲ୍ ନମାଜ ପଢ଼ାଯାଇଥାଏ ତେଣୁ ଏହା କରିବାରେ କୌଣସି ଅସୁବିଧା ନାହିଁ ।

**ପ୍ରଶ୍ନ-** ଜଣେ ମହିଳା ଜାଣିବାକୁ ଚାହିଁଲେ ଯେ ଜଣେ ବିଧବା ଇଦତ୍ ଚାଲିଥିବା ସମୟରେ ଲଜ୍‌ନା ପ୍ରୋଗ୍ରାମ୍‌ରେ ସାମିଲ ହେବା, ବାଜମାଅତ୍ ନମାଜ ପାଠ କରିବା ନିମନ୍ତେ ମସ୍‌ଜିଦ୍ ଆସିବା ଏବଂ ନିକଟ ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ କଣ ନିୟମ ରହିଛି ? ପୁଣି ସେ ଲେଖିଥିଲେ ଯେ ବୟସ୍କ ମହିଳାମାନଙ୍କ ପାଇଁ ଇଦତ୍ ପାଳନ କରିବା ଉଚିତ ନୁହେଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨ ଫେବୃୟାରୀ ୨୦୧୯ ରେ ଏହି ସମସ୍ତ ପ୍ରସଙ୍ଗରେ ନିମ୍ନଲିଖିତ ଉତର ପ୍ରଦାନ କରି ମାର୍ଗଦର୍ଶନ କରାଇଛନ୍ତି:-

**ଉତର:-** ବେଓ୍ୱା (ବିଧବା)ଙ୍କ ଇଦତ୍ ସମ୍ବନ୍ଧରେ ଥିବା ନିର୍ଦ୍ଦେଶାବଳୀଗୁଡ଼ିକର ପରିବର୍ତନ ହେବା ସପକ୍ଷରେ ଆପଣ ଆପଣଙ୍କ ଚିଠିରେ ତଲାକ୍ ହେବା ପରେ ନିକାହ୍ କରିବାର ପ୍ରମାଣ (ଅର୍ଥାତ:- ପବିତ୍ର କୁର୍‌ଆନ୍ ମୁତାବକ ତଲାକ୍ ପରେ ଇଦତ୍ ପୁରଣ ହେବାରେ ପ୍ରଥମ ସ୍ୱାମୀଙ୍କ ସହିତ ନିକାହ୍ କେବଳ ଏହି ପରିସ୍ଥିତିରେ ହୋଇପାରେ, ଯେବେ ସେ ଅନ୍ୟ କୌଣସି ପୁରୁଷଙ୍କୁ ବିବାହ କରିବ ପୁଣି ସେ ତାକୁ ତଲାକ୍ ଦେବ । କିନ୍ତୁ ଏବେ ଦ୍ୱିତୀୟ ପୁରୁଷକୁ ବିବାହ ନ କରି ମଧ ପ୍ରଥମ ସ୍ୱାମୀଙ୍କ ସହିତ ନିକାହ୍ ହୋଇଯାଉଛି । ଅତଃ ଯେଉଁଭଳି ଏହି ଆଦେଶର ସଂଶୋଧନ କରାଯାଇଅଛି ସେହିଭଳି ସ୍ୱାମୀଙ୍କ ମୃତ୍ୟୁ ପରେ ଇଦତ୍ ସମୟରେ ବି ମହିଳାମାନଙ୍କ ବୟସ ଅନୁସାରେ ଏହି କ୍ରମରେ ସଂଶୋଧନ ହେବା ଉଚିତ) ଦେଇଛନ୍ତି, ତାହା ବିଲ୍‌କୁଲ୍ ଭୁଲ୍ । ନା ପୂର୍ବରୁ ଏମିତି କୌଣସି ନିର୍ଦ୍ଦେଶ ଥିଲା ଓ ନା ଏଥିରେ କୌଣସି ପରିବର୍ତନ କରାଯାଇଛି । ଆପଣ ନିଜ ଜ୍ଞାନର ଅଭାବ ହେତୁ ତଲାକ ପ୍ରସଙ୍ଗରେ ଦୁଇଟି ଅଲଗା ଅଲଗା ହୁକୁମ୍ (ନିର୍ଦ୍ଦେଶାବଳୀ)କୁ ଦ୍ୱନ୍ଦରେ ପକାଇ ମିଶା ଗୋଳିଆ କରିଦେଇଛନ୍ତି ।

ସେହିପରି ବେଓ୍ୱା (ବିଧବା)ଙ୍କ ଇଦତ୍ ସମ୍ବନ୍ଧରେ ମଧ୍ୟ ଆପଣ ଇସ୍‌ଲାମୀୟ ଶିକ୍ଷା ସହିତ ସମ୍ପୁର୍ଣ୍ଣ ରୂପେ ଅବଗତ ନୁହନ୍ତି । ଇସ୍‌ଲାମ୍ ମହିଳାମାନଙ୍କୁ ନିଜ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ଚାରିମାସ ଦଶ ଦିନ ପର୍ଯ୍ୟନ୍ତ ଶୋକ କରିବା ପାଇଁ ଆଦେଶ ଦେଇଛି ଏବଂ ଏଥିରେ କୌଣସି ପ୍ରକାରର ଛୁଟ୍ ତଥା କୋହଲ ନାହିଁ ଏବଂ ଏହି ନିର୍ଦ୍ଦେଶରେ ବୟସ କୌଣସି ସୀମା ନିର୍ଦ୍ଧାରଣ କରାଯାଇନାହିଁ । ତେଣୁ ବିଧବାଙ୍କ ନିମନ୍ତେ ଏହା ଜରୁରୀ ଯେ ସେ ଇଦତ୍‌ର ଏହି ଧାର୍ଯ୍ୟ ସମୟ ଯଥା ସମ୍ଭବ ନିଜ ଘରେ ରହି ବିତାନ୍ତୁ । ଏହି ସମୟ ଅବଧି ମଧ୍ୟରେ ସଜବାଜ, ଶୃଙ୍ଗାର, ସାମାଜିକ ପ୍ରୋଗ୍ରାମ ଗୁଡ଼ିକର ଅଂଶଗ୍ରହଣ କରିବା ତଥା ବିନା କାରଣରେ ଘରୁ ବାହାରିବା ପାଇଁ ଅନୁମତି ନାହିଁ ।

ଇଦତ୍ ସମୟ ସୀମା ମଧ୍ୟରେ ବିଧବା ନିଜ ସ୍ୱାମୀଙ୍କ କବର ନିକଟରେ ଦୁଆ କରିବା ନିମନ୍ତେ ଯାଇପାରନ୍ତି କିନ୍ତୁ ସର୍ତ୍ତ ହେଉଛି ଏହା କି ସେହି କବରଟି ତାଙ୍କର ସେହି ସହରରେ ଥିବ ଯେଉଁ ସହରରେ ବିଧବା ରହୁଥିବେ । ସେହିପରି ଯଦି ତାଙ୍କୁ ଡ଼ାକ୍ତର ନିକଟକୁ ଯିବାକୁ ହୁଏ ତା'ହେଲେ ଏହା ମଧ୍ୟ ମଜ୍‌ବୁରୀ (ବିବଶତା) ଅନ୍ତର୍ଗତ ଆସିଥାଏ । ସେହିପରି ଯଦି କୌଣସି ବିଧବାଙ୍କ ପରିବାରର ଗୁଜୁରାଣ ତାଙ୍କ ଚାକିରି ଉପରେ ନିର୍ଭରଶୀଳ ବା ପିଲାମାନଙ୍କୁ ସ୍କୁଲ୍‌ରେ ପହଂଚାଇବା ତଥା ଘରକୁ ଆଣିବା ଏବଂ କିଣାକିଣି କରିବା ପାଇଁ ତାଙ୍କ ନିମନ୍ତେ କୌଣସି ବିକଳ୍ପ ବ୍ୟବସ୍ଥା ନଥାଏ, ତା'ହେଲେ ଏହି ସବୁ ବିଷୟ ମଜ୍‌ବୁରୀ (ବାଧ୍ୟ ବାଧକତା) ଅନ୍ତର୍ଗତ ଆସିବ । ଏପରି କ୍ଷେତ୍ରରେ ତାଙ୍କ ପାଇଁ ଏହା ଜରୁରୀ ଯେ ସେ ସିଧା ନିଜର କାମ ସମ୍ପାଦନ ପାଇଁ ଯାଆନ୍ତୁ ପୁଣି କାମ ସମ୍ପାଦନ କରି ସିଧା ଘରେ ଆସି ବସନ୍ତୁ । ବାଧ୍ୟ ହୋଇ ଏବଂ ଅତ୍ୟାବଶ୍ୟକ ଅନ୍ତର୍ଗତ ଘରୁ ବାହାରିବାର କେବଳ ଏତିକି ହିଁ ସୀମା ରହିଛି । କୌଣସି ପ୍ରକାରର ସାମାଜିକ ସଭା (ମଜ୍‌ଲିସ୍)ଗୁଡ଼ିକରେ ତଥା ପ୍ରୋଗ୍ରାମ୍‌ରେ ସାମିଲ୍ ହେବା ପାଇଁ ଅନୁମତି ନାହିଁ । ଅତଏବ ଶରିୟତ୍‌ରେ ନୂଆ ନୂଆ କଥା ସାମିଲ କରିବା ଏବଂ ନୂଆ ନୂଆ ବିଦ୍‌ଅତ୍ (ସ୍ୱଂକୃତ ପ୍ରଥା) ପ୍ରଚଳନ କରିବା ପାଇଁ କାହାକୁ ବି ଅନୁମତି ଦିଆଯାଇନାହିଁ ।

**ପ୍ରଶ୍ନ-** ଜଣେ ବନ୍ଧୁ ସେହି ହଦିସ୍‌ଗୁଡ଼ିକ ପ୍ରସଙ୍ଗରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ମାର୍ଗଦର୍ଶନ କରାଇବା ନିମନ୍ତେ ଦରଖାସ୍ତ କଲେ, ଯେଉଁ ହଦିସ୍‌ଗୁଡ଼ିକରେ ଯୁଦ୍ଧ ଚାଲିଥିବା ସମୟରେ, ସାଧାରଣ ଲୋକମାନଙ୍କର ଝଗଡ଼ାଝାଂଟି ତଥା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମିଳାମିଶା କରିବା ପାଇଁ ମିଛ କହିବା ପାଇଁ ଅନୁମତି ଦିଆଯାଇଅଛି । ହଜୁର ଅନଓ୍ୱର ଅ:ବ:ଅ ନିଜର ଲିଖିତ ଚିଠି ୨୮ ଜାନୁୟାରୀ ୨୦୧୯ରେ ନିମ୍ନଲିଖିତ ମାର୍ଗଦଶର୍ନ କରାଇ କହିଲେ:-

**ଉତର:-** ପବିତ୍ର କୁର୍‌ଆନ୍ ଏବଂ ସନଦପ୍ରାପ୍ତ ହଦିସ୍‌ଗୁଡ଼ିକରେ ମିଛ କହିବାକୁ **ଅକ୍‌ବରୁଲ୍ କବାଇର୍** (ଅର୍ଥାତ ବଡ଼ ବଡ଼ ପାପ ମଧ୍ୟରେ ବଡ଼ ପାପ) ଭାବରେ ଅଭିହିତ କରାଯାଇଅଛି । ଆଁ ହଜରତ ସ:ଆ:ସ ଏଥିରୁ ବଂଚି ରହିବା ପାଇଁ ଅର୍ଥାତ ମିଥ୍ୟାରୁ ବଂଚି ରହିବା ପାଇଁ ବାରମ୍ବାର ଉପଦେଶ ଦେଇଛନ୍ତି ।

ଆପଣଙ୍କ ଚିଠିରେ ଯେଉଁ ରିଓ୍ୱାୟତ୍ ଦରଜ ହୋଇଛି, ସେ ସମ୍ପର୍କରେ ଗୋଟିଏ ରିଓ୍ୱାୟତ୍ ସହି ବୁଖାରୀ ଏବଂ ସହି ମୁସ୍‌ଲିମ୍‌ରେ ହଜରତ ଉମ୍ମେ କୁଲ୍‌ସୁମ୍ ବିନ୍‌ତେ ଅକ୍‌ବାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି । ସେହି ରିଓ୍ୱାୟତ୍ (କଥନ)ର ଶବ୍ଦଗୁଡ଼ିକୁ ସତର୍କତା ଅବଲମ୍ବନ କରି ଅର୍ଥ ବାହାର କରିବା ଯୋଗ୍ୟ ଅଟେ । ସେହି ରିଓ୍ୱାୟତ୍‌ରେ ଶବ୍ଦଗୁଡ଼ିକ ଏପରି:-

**ଲୈସଲ୍ କଜ୍ଜାବୁଲ୍ ଲଜ୍ଜି ୟୁସ୍‌ଲିହୁ ବଇନାନ୍ ନାସି ଓ୍ୱ ୟକୁଲୁ ଖୈରନ୍ ଓ୍ୱ ୟନ୍‌ମି ଖୈରନ୍ ।**

ଅର୍ଥାତ:- ଯେଉଁ ବ୍ୟକ୍ତି ଲୋକମାନଙ୍କ ମଧ୍ୟରେ ମିଳାମିଲା (ସୁଲାହ୍) କରାଇବା ପାଇଁ ପୂଣ୍ୟ କଥା କହେ ତଥା ଭଲ କଥା ଆଗକୁ ପହଂଚାଏ ସେ ମିଥ୍ୟାବାଦୀ ନୁହେଁ ।

ଏହାର ଉଦାହରଣ ହେଉଛି ଏପରି ଯେ ସୁଲାହ୍ (ସମାଧାନ) କରାଉଥିବା ବ୍ୟକ୍ତି ଗୋଟିଏ ପକ୍ଷ ଦ୍ୱାରା ଅନ୍ୟ ପକ୍ଷ ସମ୍ବନ୍ଧରେ କୁହାଯାଇଥିବା କଥା ଗୁଡ଼ିକ ମଧ୍ୟରୁ ଭଲ ଓ ପୂଣ୍ୟ କଥା ଦ୍ୱିତୀୟ ପକ୍ଷକୁ ପହଂଚାଇଦିଏ ଏବଂ ସେହି ପକ୍ଷ ବିରୁଦ୍ଧରେ କୁହାଯାଇଥିବା କଥା ଗୁଡ଼ିକ ପ୍ରସଙ୍ଗରେ ନୀରବତା ଅବଲମ୍ବନ କରେ ତା'ହେଲେ ଏପରି ସୁଲାହ୍ କରାଉଥିବା ବ୍ୟକ୍ତି ମିଥ୍ୟାବାଦୀ ରୂପେ ଅଭିହିତ ହେବନାହିଁ ।

ସୁନନେ ତିର୍‌ମିଜି ହଜରତ ଅସ୍‌ମାଆ ବିନ୍‌ତେ ୟଜିଦ୍‌ଙ୍କଠାରୁ ଏହି ଜଓ୍ୱାୟତ୍‌କୁ ନିମ୍ନଲିଖିତ ବାକ୍ୟରେ ବର୍ଣ୍ଣନା କରିଛି ।

**ଲା ୟହିଲ୍ଲୁଲ୍ କଜିବୁ ଇଲ୍ଲା ଫି ସଲାସିନ୍ ୟୁହଦ୍ଦିସୁର୍ ରଜଲୁମ୍‌ରଅତହୁ ଲିୟୁର୍‌ଜିୟହା ଓ୍ୱଲ୍ କଜିବୁ ଫିଲ୍ ହର୍‌ବି ଓ୍ୱଲ୍ କଜିବୁ ଲିୟୁସ୍‌ଲିହା ବଇନନ୍ ନାସି ।** ଅର୍ଥାତ:- ତିନୋଟି କଥା ବ୍ୟତୀତ ମିଥ୍ୟା କହିବା ଉଚିତ ନୁହେଁ । ଯଦି ସ୍ୱାମୀ ନିଜ ପତ୍ନୀକୁ ମନେଇବା ପାଇଁ କୌଣସି କଥା କହେ । ଯୁଦ୍ଧ ଚାଲିଥିବା ସମୟରେ ମିଛ କହିବା ଏବଂ ଲୋକମାନଙ୍କ ମଧ୍ୟରେ ଆପୋଷ ସମାଧାନ କରିବା ପାଇଁ ମିଛ କହିବା ।

ପ୍ରଥମ କଥା ହେଉଛି ଏହା କି ସୁନନେ ତିର୍‌ମିଜିରେ ବର୍ଣ୍ଣିତ ଥିବା ଏହି ରିଓ୍ୱାୟତ୍ ପବିତ୍ର କୁର୍‌ଆନ୍‌ର ସ୍ପଷ୍ଟ ନିର୍ଦ୍ଦେଶ ଓ ସହି ହଦିସ୍‌ଗୁଡ଼ିକରେ ବର୍ଣ୍ଣିତ ଅନ୍ୟ ରିଓ୍ୱାୟତ୍ ଗୁଡ଼ିକର ବିରୁଦ୍ଧ ହୋଇଥିବା ଯୋଗୁଁ ଏହି ରିଓ୍ୱାୟତ୍ ଗ୍ରହଣୀୟ ନୁହେଁ । ଦ୍ୱିତୀୟ କଥା ହେଉଛି ଏହା କି ଇସ୍‌ଲାମ୍ ମିଥ୍ୟାକୁ କୌଣସି ପରିସ୍ଥିତିରେ ମଧ୍ୟ କହିବା ପାଇଁ ଅନୁମତି ପ୍ରଦାନ କରିନାହିଁ । ବରଂ ଏହା ବିପରୀତ ଏ ଶିକ୍ଷା ଇସ୍‌ଲାମ୍ ଦେଇଛି ଯେ ଯଦି ଜୀବନ ଚାଲିଯାଉଛି ଯାଉ କିନ୍ତୁ ସତ୍ୟକୁ ହାତ ଛଡା କରନାହିଁ ।

ସୟଦନା ହଜରତ ମସିହ୍ ମଉଦ୍ ଆ:ସ ମଧ୍ୟ ଏ ସମ୍ବନ୍ଧରେ ଆମର ମାର୍ଗଦର୍ଶନ କରାଇଛନ୍ତି । ଅତଏବ ହଜୁର ଆ:ସ ସ୍ୱରଚିତ ପୁସ୍ତକ "ନୁରୁଲ୍ କୁର୍‌ଆନ୍ ନଂ-୨"ରେ ଜଣେ ଖ୍ରୀଷ୍ଟିଆନ୍ ବ୍ୟକ୍ତିଙ୍କ ସେହି ଆପତିର ଉତର ପ୍ରଦାନ କରି ଉଲ୍ଲେଖ କରିଛନ୍ତି:-

"ପବିତ୍ର କୁର୍‌ଆନ୍ ମିଥ୍ୟା କହିବାକୁ ପିତୁଳା ପୂଜା ସହିତ ସମାନ ବୋଲି ଅଭିହିତ କରିଛି । ଯେମିତି କି ଅଲ୍ଲାଃ ତାଲା କହିଛନ୍ତି:- **ଫଜ୍‌ତନିବୁର୍ ରିଜ୍‌ସା ମିନଲ୍ ଅଓ୍‌ସାନି ଓ୍ୱଜ୍‌ତନିବୁ କୌଲଜ୍ ଜୁରି.......** ଅସଲ କଥା ହେଉଛି ଏହା କି କୌଣସି ହଦିସ୍‌ରେ ବି ମିଥ୍ୟା କହିବା ପାଇଁ କଦାପି ଅନୁମତି ନାହିଁ ବରଂ ହଦିସ୍‌ରେ ଏପରି ଶବ୍ଦ ରହିଛି ଯେ **ଇନ୍ କୁତିଲ୍‌ତା ଓ୍ୱ ଉହ୍‌ରକ୍‌ତା........** ପୁଣି ଯଦି କୌଣସି ହଦିସ୍ ପବିତ୍ର କୁର୍‌ଆନ୍ ତଥା ସହି ହଦିସ୍‌ଗୁଡ଼ିକର ବିରୁଦ୍ଧାଚରଣ କରୁଥିବ ତା'ହେଲେ ତାହା ଗ୍ରହଣୀୟ ଯୋଗ୍ୟ ହେବନାହିଁ । କାରଣ ଆମେମାନେ ଏପରି ହଦିସ୍‌ଗୁଡ଼ିକୁ ଗ୍ରହଣ କରିଥାଉଁ ଯାହା ସହି ହଦିସ୍ ଏବଂ ପବିତ୍ର କୁର୍‌ଆନ୍‌ର ବିରୁଦ୍ଧ ହୋଇନଥିବ ହଁ କିଛି ହଦିସ୍‌ରେ ତୌରିୟା (ଅର୍ଥାତ କଥାକୁ ବୁଲେଇ ବଙ୍କେଇ କହିବା, ଯଦ୍ୱାରା ସାମନାରେ ଥିବା ପ୍ରତିପକ୍ଷ କଥାକୁ ବୁଝି ନ ପାରିବ) ନିମନ୍ତେ ଇସାରା ମିଳିଥାଏ ଏବଂ ତାହାକୁ ଘୃଣା ବିସ୍ତାର କରିବା ପାଇଁ କିଜ୍‌ବ୍ (ଅର୍ଥାତ:- ମିଥ୍ୟା) ନାମରେ ନାମିତ କରାଯାଇଅଛି । ଜଣେ ମୂର୍ଖ ଓ ପାଷାଣ୍ଡ ଯେତେବେଳେ ଏପରି ଶବ୍ଦ କୌଣସି ହଦିସ୍‌ରେ ଭୂଲବଶତଃ ଲେଖାଯାଇଥିବାର ପାଏ ତା'ହେଲେ ବୋଧ ହୁଏ ସେ ତାହାକୁ ପ୍ରକୃତ ମିଥ୍ୟା ବୋଲି ବୁଝିନେବ । କାରଣ ସେ ଇସ୍‌ଲାମ୍‌ରେ ବର୍ଣ୍ଣିତ ନିର୍ଦ୍ଦିଷ୍ଟ ନିଷ୍ପତି/ ନିର୍ଦ୍ଦେଶ ବିଷୟରେ ଅବଗତ ନୁହେଁ ଯେ ମିଥ୍ୟାକୁ ଇସ୍‌ଲାମ୍‌ରେ ଘୃଣ୍ୟ ଓ ହରାମ୍ (ଅବୈଧ) ତଥା ସିର୍କ ସହିତ ସମାନ ବୋଲି କୁହାଯାଇଅଛି । କିନ୍ତୁ ତୌରିୟା ଯାହା ବାସ୍ତବପକ୍ଷେ ମିଥ୍ୟା ନୁହେଁ ଯଦିଓ ମିଥ୍ୟା ପରିକା ହୋଇଥାଏ, ତାହା ଜରୁରୀକାଳୀନ ପରିସ୍ଥିତିରେ ଲୋକମାନଙ୍କ ପାଇଁ ବୈଧ ହେବା ହଦିସ୍‌ରେ ମିଳେ । କିନ୍ତୁ ଏହା ସତ୍ୱେ ବି ଏକଥା ଲେଖାଯାଇଅଛି ଯେ ଶ୍ରେଷ୍ଠଲୋକ ହେଉଛି ଏପରି ବ୍ୟକ୍ତି ଯିଏ ତୌରିୟାଠାରୁ ବି ବଂଚିରହେ ।........ କିନ୍ତୁ ଏତଦ୍ ବ୍ୟତୀତ ଅନେକ ହଦିସ୍ ଏପରି ରହିଛି, ଯେଉଁଥିରୁ ଜଣାପଡୁଛି ଯେ ତୌରିୟା ଉଚ୍ଚ ସ୍ତରରେ ତକ୍‌ଓ୍ୱା (ଧର୍ମପରାୟଣତା)ର ବିରୁଦ୍ଧ ଅଟେ । ସେ ଯାହା ହେଉ ବି ସ୍ପଷ୍ଟ ସତ୍ୟତା ହେଉଛି ଉତମ ଯଦିଓ ତାହା ଯୋଗୁଁ ହତ୍ୟା ଓ ଜାଳିଦିଆଯାଏ ।" (ଅର୍ଥାତ ସତ୍ୟ ଯୋଗୁଁ ମୃତ୍ୟୁବରଣ କରିବା ହେଉଛି ଶ୍ରେୟସ୍କର) ***(ନୁରୁଲ୍ କୁର୍‌ଆନ୍ ନଂ-୨, ପୃ- ରୁହାନୀ ଖଜାଇନ୍, ଖଣ୍ଡ-୯, ପୃ-୪୦୩-୪୦୫)***

ଅତଏବ ଏକଥା କୌଣସି ମତେ ବି ମାନିବା ଉପଯୁକ୍ତ ନୁହେଁ ଯେ କୌଣସି ହଦିସ୍‌ରେ ମିଛ କହିବା ପାଇଁ ଅନୁମତି ମିଳିଛି । ସେଥିଯୋଗୁଁ ଯଦି ସେହି ହଦିସ୍‌ଗୁଡ଼ିକ ପବିତ୍ର କୁର୍‌ଆନ୍ ଏବଂ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.7 Thursday 17 Feb 2022 Issue No. 7

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ସୁନ୍ନତ ମୁତାବକ ଥିବା ତା'ହେଲେ ଆମେ ସେହି ହଦିସ୍‌ଗୁଡ଼ିକୁ ମାନିନେବୁ ଅନ୍ୟଥା ପବିତ୍ର କୁର୍‌ଆନ୍ ଏବଂ ରସୁଲେ୍ କରିମ୍ ସ:ଆ:ସଙ୍କ ସ୍ପଷ୍ଟ ଶିକ୍ଷାର ଖିଲାଫ୍ ହୋଇଥିବା ସ୍ଥଳେ ଆମେ ସେହି ହଦିସ୍‌ଗୁଡ଼ିକୁ ଗ୍ରହଣୀୟ ଭାବିବୁ ନାହିଁ ।

**ପ୍ରଶ୍ନ-** ମହିଳାମାନଙ୍କର ମାସିକ ରତୁସ୍ରାବ ଚାଲିଥିବା ସମୟରେ ମସ୍‌ଜିଦ୍‌ରେ ଆସି ବସିବା ତଥା ସେହି ଦିନମାନଙ୍କରେ ପବିତ୍ର କୁର୍‌ଆନ୍ ଆବୃତି କରିବା ପ୍ରସଙ୍ଗରେ ଜଣେ ମହିଳାଙ୍କର ଗୋଟିଏ ପ୍ରସ୍ତାବ ଉପରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୩ ମାର୍ଚ୍ଚ ୨୦୧୯ରେ ନିମ୍ନଲିଖିତ ଆଦେଶ ପ୍ରଦାନ କରିଛନ୍ତି:-

**ଉତର:-** ଉପରୋକ୍ତ ଦୁଇଟିଯାକ ପ୍ରସଙ୍ଗରେ ଓ୍ୱଲେମା ଏବଂ ଫୋକହା (ଧର୍ମଶାସ୍ତ୍ରୀ)ମାନଙ୍କ ମତ ଭିନ୍ନ ଭିନ୍ନ ରହିଛି । ଧର୍ମଯାଜକ ମାନେ ମଧ୍ୟ ନିଜର ପବିତ୍ର କୁର୍‌ଆନ୍ ସମ୍ବନ୍ଧୀୟ ଜ୍ଞାନ ଓ ହଦିସ୍ ଜ୍ଞାନ ମୁତାବକ ଏ ପ୍ରସଙ୍ଗରେ ଭିନ୍ନ ଭିନ୍ନ ଉତର ଦେଇଛନ୍ତି । ସେହିପରି ଜମାତ୍ ଅହେମଦୀୟାର ଲିଟରେଚର ଗୁଡ଼ିକରେ ମଧ୍ୟ ଖୋଲଫାଆ ଅହେମଦୀୟତ୍ ତଥା ଜମାତର ଓ୍ୱଲେମାମାନଙ୍କ ତରଫରୁ ଭିନ୍ନ ଭିନ୍ନ ଉତର ଦେଖିବାକୁ ମିଳିଥାଏ ।

ପବିତ୍ର କୁର୍‌ଆନ୍, ହଦିସ୍ ଏବଂ ହଜରତ ମସିହ୍ ମଉଦ୍ ଆ:ସଙ୍କ ଆଦେଶାବଳୀର ଆଲୋକରେ ମହିଳାମାନଙ୍କ ମାସିକ ଧର୍ମ ସମୟରେ ପବିତ୍ର କୁର୍‌ଆନ୍ ପାଠ କରିବା ସମ୍ବନ୍ଧରେ ମୋର ଏ ବିଶ୍ୱାସ ଯେ ରତୁସ୍ରାବ ହେଉଥିବା ଦିନମାନଙ୍କରେ ମହିଳାମାନଙ୍କୁ ପବିତ୍ର କୁର୍‌ଆନ୍‌ର ଯେଉଁ ଭାଗ ମନେ ଅଛି, ସେ ତାକୁ ରତୁସ୍ରାବ ହେଉଥିବା ଦିନମାନଙ୍କରେ ମନେ ମନେ ଆବୃତି କରିପାରିବେ ତଥା ଆବଶ୍ୟକ ସ୍ଥଳେ କୌଣସି ସଫା କପଡ଼ାରେ ପବିତ୍ର କୁର୍‌ଆନ୍‌କୁ ଧରି ମଧ୍ୟ ପାରିବେ । କାହାକୁ ହଓ୍ୱାଲା (Reference) ଇତ୍ୟାଦି ବତାଇବା ପାଇଁ ବା ପିଲାମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇବା ପାଇଁ ପବିତ୍ର କୁର୍‌ଆନ୍‌ର କୌଣସି ଅଂଶ/ଭାଗ ପଢ଼ି ବି ପାରିବେ । କିନ୍ତୁ ନିୟମିତ ତିଲାଓ୍ୱତ୍ କରିପାରିବେ ନାହିଁ ।

ସେହିପରି ଏହି ଦିନଗୁଡ଼ିକରେ ମହିଳାମାନଙ୍କୁ କମ୍ପ୍ୟୁଟର ଇତ୍ୟାଦିରେ, ଯେଉଁଥିରେ ପ୍ରକାଶ୍ୟରେ ପବିତ୍ର କୁର୍‌ଆନ୍‌କୁ ହାତରେ ଧରିବାକୁ ପଡ଼ିନଥାଏ, ସେଥିରେ ନିୟମିତ ତିଲାଓ୍ୱତ୍ କରିବାକୁ ଅନୁମତି ତ ନାହିଁ କିନ୍ତୁ କୌଣସି ପ୍ରକାରର ଆବଶ୍ୟକ ପଡ଼ିଲେ ଉଦାହରଣ ସ୍ୱରୁପ ହଓ୍ୱାଲା ଖୋଜିବା ପାଇଁ ବା କୌଣସି ଲୋକଙ୍କୁ ହଓ୍ୱାଲା ଦେଖାଇବା ପାଇଁ କମ୍ପ୍ୟୁଟର ଇତ୍ୟାଦିରେ ପବିତ୍ର କୁର୍‌ଆନ୍ ରୁ ଲାଭ ଉଠାଯାଇପାରେ । ଏଥିରେ କୌଣସି ଅସୁବିଧା ନାହିଁ ।

ଏହି ଦିନମାନଙ୍କରେ ମହିଳାମାନେ ମସ୍‌ଜିଦ୍‌ରୁ କୌଣସି ଜିନିଷ ଆଣିବା ପାଇଁ ତଥା ମସ୍‌ଜିଦ୍ ଭିତରେ କୌଣସି ଜିନିଷ ରଖିବା ପାଇଁ ମସ୍‌ଜିଦ୍ ଭିତରକୁ ପ୍ରବେଶ କରିପାରିବେ । କିନ୍ତୁ ସେଠାରେ ଯାଇ ବସିପାରିବେ ନାହିଁ । ଯଦି ଏହାର ଅନୁମତି ଥାଆନ୍ତା ତା'ହେଲେ ହଜୁର ସ:ଆ:ସ୍ ଈଦ୍‌ରେ ସାମିଲ ହୋଇଥିବା ଏହିପରି ମହିଳାମାନଙ୍କ ପାଇଁ କାହିଁକି ଏପରି ନିର୍ଦ୍ଦେଶ ଦେଇଥାନ୍ତେ ଯେ ସେମାନେ ନମାଜ ପଢ଼ାଯାଉଥିବା ସ୍ଥାନରୁ ଅଲଗା ହୋଇ ରହନ୍ତୁ । ତେଣୁ ଏପରି ଅବସ୍ଥାରେ ମହିଳାମାନଙ୍କୁ ମସ୍‌ଜିଦ୍ ଭିତରେ ବସିବାକୁ ଅନୁମତି ହିଁ ନାହିଁ ।

ଯଦି କୌଣସି ମହିଳା ଏହିପରି ଅବସ୍ଥାରେ ମସ୍‌ଜିଦ୍‌କୁ ଆସେ ତଥା କୌଣସି ଝିଅ ଏପରି ଅବସ୍ଥାରେ ନିଜ ମାଆଙ୍କ ସହିତ ମସ୍‌ଜିଦ୍ ଆସେ ବା ଅଚାନକ କାହାର ଏପରି ଅବସ୍ଥା ଆରମ୍ଭ ହୋଇଯାଏ ତା'ହେଲେ ଏହି ସମସ୍ତ ଅବସ୍ଥାରେ ଏପରି ମହିଳା ଓ ଝିଅ ପିଲାମାନେ ମସ୍‌ଜିଦ୍‌ରେ ନମାଜ ପଢ଼ାଯାଉଥିବା ସ୍ଥାନରେ ବସି ପାରିବେ ନାହିଁ । ବରଂ ଯେଉଁ ସ୍ଥଳେ ନମାଜ ପାଠ କରାଯାଏ ନାହିଁ ସେଠାରେ ବସିବା ପାଇଁ ବ୍ୟବସ୍ଥା କରାଯାଉ ।

**ପ୍ରଶ୍ନ-** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ନ୍ୟାଶ୍‌ନାଲ୍ ଆମେଲା ଲଜ୍‌ନା ଇମାଇଲ୍ଲାଃ କାନାଡ଼ାର Virtual ସାକ୍ଷାତକାର ୧୬ ଅଗଷ୍ଟ ୨୦୨୦ରେ ତର୍‌ବିୟତ୍ (ପ୍ରଶିକ୍ଷଣ)ର ବିଭିନ୍ନ ପାର୍ଶ୍ୱ ପ୍ରସଙ୍ଗରେ ହଜୁର ଅନଓ୍ୱର ଅ:ବ:ଅ ଆମେଲାର ସଦସ୍ୟମାନଙ୍କୁ ଧ୍ୟାନ ଆକର୍ଷଣ କରାଇ ନିମ୍ନଲିଖିତ ଆଦେଶ ଦେଲେ ।

**ଉତର:-** ମାଆମାନଙ୍କ ଜରିଆରେ ତର୍‌ବିୟତ୍ କରନ୍ତୁ । ଯେଉଁ ଝିଅପିଲାମାନେ ଆଜିକାଲି ଏଠାରେ ପାଠ ପଢୁଛନ୍ତି, ସେମାନଙ୍କ ସହିତ ମାଆ ମାନଙ୍କର ସମ୍ପର୍କ ସାଙ୍ଗ ପରି ହେବା ଉଚିତ । ଯେଉଁମାନେ ବାହାରେ, ୟୁନିଭର୍‌ସିଟିରେ, କଲେଜ୍‌ରେ ଯାଇ Expose ହେଉଛନ୍ତି ସେମାନଙ୍କ ସହିତ ଯଦି ମାଆମାନେ ସମ୍ପୂର୍ଣ୍ଣ ରୂପେ ଶିକ୍ଷିତ ନୁହନ୍ତି ତା'ହେଲେ ସେମାନେ ଆପଣମାନଙ୍କଠାରୁ ସାହାଯ୍ୟ ନିଅନ୍ତୁ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଝିଅମାନଙ୍କ ସହିତ ସମ୍ପର୍କ ରଖନ୍ତୁ । ଝିଅମାନଙ୍କର ପ୍ରଶିକ୍ଷଣ ଏପରି କରନ୍ତୁ ଯେ, ସେମାନେ ମନ ମୁତାବକ ଶିକ୍ଷା ହାସଲ କରନ୍ତୁ କିନ୍ତୁ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାପାଇଁ ଯେଉଁ ପ୍ରତିଶୃତି ରହିଛି, ତାକୁ ସାମନାରେ ରଖନ୍ତୁ ଯେ ତାହା କଣ? କେବଳ ଦୁନିଆରେ ହିଁ ମାତି ନ ଯାଆନ୍ତୁ । ଏଠାରେ ସେମାନଙ୍କୁ ଏହା ବି Realize (ଅନୁଭବ) କରାଇବା ଉଚିତ ଯେ ଏଠାକୁ ଆସିବା ପରେ ଅଲ୍ଲାଃ ତାଲା ସାଂସାରିକ ଦୃଷ୍ଟି କୋଣରୁ କୃପା କରିଛନ୍ତି । ସେହି ସାଂସାରିକ କୃପା ଯୋଗୁଁ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବାର ସଠିକ୍ ପ୍ରକାଶ ହେଉଛି ଏହା କି ଅଧିକରୁ ଅଧିକ ଧର୍ମ ସହିତ attach (ଯୋଡ଼ି) ହୋଇ ରହନ୍ତୁ । ଏପରି ଅଧିକାଂଶ ପୁଅମାନଙ୍କଠାରେ ବି ହୋଇଥାଏ ତେଣୁ ପୁଣି ମାଆମାନଙ୍କର ପ୍ରଶିକ୍ଷଣ ଏହି ଦୃଷ୍ଟି କୋଣରୁ ବି ଆବଶ୍ୟକ ଯେ ପନ୍ଦର ବର୍ଷ ପର୍ଯ୍ୟନ୍ତ ବା ଅତିକମ୍‌ରେ ତେର ଚଉଦ ବର୍ଷ ପର୍ଯ୍ୟନ୍ତ ପୁଅ ପିଲାମାନେ ବି ମାଆମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । (ତେଣୁ ମାଆମାନେ ପୁଅମାନଙ୍କୁ ମଧ୍ୟ ଏ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଅନ୍ତୁ) ପୁଣି ମାଆମାନଙ୍କର ପ୍ରଶିକ୍ଷଣ ବି ଏଥିପାଇଁ ଆବଶ୍ୟକ ଯେ ପୁରୁଷମାନଙ୍କ ପ୍ରଶିକ୍ଷଣର ଦାୟିତ୍ୱ ମଧ୍ୟ ଆପଣମାନଙ୍କୁ କରିବାକୁ ପଡ଼ିବ । ପୁରୁଷମାନଙ୍କଠାରେ ବି ପ୍ରଶିକ୍ଷଣର ଅଭାବ ରହିଛି । ମୁଁ ଏକଥା କହୁନାହିଁ ଯେ ସେମାନେ ମନ ଇଚ୍ଛା କାମ କରିଚାଲନ୍ତୁ ଓ ମହିଳାମାନେ ନିଜ ନିଜର କର୍ତବ୍ୟ ସମ୍ପାଦନ କରନ୍ତୁ ବୋଲି । ପୁରୁଷମାନଙ୍କର ମଧ୍ୟ ଦାୟିତ୍ୱ ରହିଛି । କିନ୍ତୁ ଆପଣମାନେ ତର୍‌ବିୟତ୍ ଦୃଷ୍ଟିକୋଣରୁ ଏହି ଚ୍ୟାଲେଞ୍ଜକୁ ମଧ୍ୟ ଗ୍ରହଣ କରିବେ ଯେ ପୁଅ ପିଲାମାନଙ୍କର ଅର୍ଥାତ ଛୋଟ ବୟସର ଅତ୍‌ଫାଲ୍‌ମାନଙ୍କର ତର୍‌ବିୟତ୍ ଏପରି କରନ୍ତୁ ଯେ ଯେବେ ସେମାନେ ଖୁଦାମରେ ସାମିଲ ହେବେ ସେତେବେଳେ ଜମାତ୍ ସହିତ Attach ହେବେ । ସେହିପରି ଝିଅପିଲାମାନେ ଯେବେ ନାସିରାତ୍‌ରୁ ଲଜ୍‌ନାକୁ ଆସିବେ, ଜମାତ୍ ସହିତ ଯୋଡ଼ି ହୋଇ ରହିବେ । ଏଠିକାର ପରିବେଶରେ ଯେଉଁ ପ୍ରଭାବ ରହିଛି, କାରଣ ଏଠାରେ ଖୋଲା ଖୋଲି ଭାବରେ ଶିକ୍ଷା ଦିଆଯାଉଛି ଏବଂ କିଛି ଖୋଲାଖୋଲି ପ୍ରଶ୍ନ ମଧ୍ୟ କରାଯାଉଅଛି ଏଥିରେ ଆପଣମାନେ ସେମାନଙ୍କୁ ଖୋଲା ଖୋଲି ଭାବରେ, ସ୍ପଷ୍ଟ ଭାବରେ ଉତର ଦେବେ । ଏହାର ଶୈଳୀ ହେଉଛି ଏପରି କି ଆପଣମାନେ Survey କରନ୍ତୁ ଓ ଗୋଟିଏ ପ୍ରଶ୍ନପତ୍ର ତିଆରି କରି ପଠାନ୍ତୁ । ପ୍ରତ୍ୟେକ ମଜ୍‌ଲିସ୍‌କୁ ଯାଉ ଏବଂ ଝିଅପିଲାମାନଙ୍କୁ କୁହନ୍ତୁ ଯେ ଅବଶ୍ୟ ନିଜ ନା ନ ଲେଖନ୍ତୁ କିନ୍ତୁ ତୁମ ମନରେ ଯାହା ବି ପ୍ରଶ୍ନ ଧର୍ମ ସଂକ୍ରାନ୍ତରେ ରହିଛି ବା ସାଂସାରିକ ପ୍ରଶ୍ନ ଯଦି ରହିଛି ତଥା ଧର୍ମ ଓ ସଂସାର ମଧ୍ୟରେ ପାର୍ଥକ୍ୟ ପ୍ରସଙ୍ଗରେ ପ୍ରଶ୍ନ ରହିଛି ବା କୌଣସି ସନ୍ଦେହ ଯଦି ଅଛି, ସେ ସବୁକୁ ପ୍ରକାଶ କରନ୍ତୁ । ପୁଣି ଲଜ୍‌ନା Level ରେ ଭିନ୍ନ ଭିନ୍ନ Forums ରେ ସେମାନଙ୍କ ପ୍ରଶ୍ନର ଉତର ଦେବା ପାଇଁ ଚେଷ୍ଟା କରନ୍ତୁ । ପୁଣି ମୋ ନିକଟକୁ ପଠାନ୍ତୁ । ଏଠାରେ ବି ଆମେ କୌଣସି ନା କୌଣସି ପ୍ରୋଗ୍ରାମ ବନାଇ ପାରିବୁ । ଏମ୍.ଟି.ଏରେ ମଧ୍ୟ ତାହାର ଉତର ଦିଆଯାଇ ପାରିବ । ପୁଣି

*ଅବଶିଷ୍ଟାଂଶ ପୃଷ୍ଠା-୦୯ ରେ ଦେଖନ୍ତୁ...*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan